ଧରିତ୍ରୀ
DHARITRI
April 21-27, 2019 ₹ 2/-

# ଛୁଟିଦିନ


# ମୋ ସାଇକେଲ ମୋ ସାଥୀ



୪

ପ୍ରଚ୍ଛଦ ପ୍ରସଙ୍ଗ

ଦିନେ ସାଇକେଲ ଥିଲା
ଗମନାଗମନର ପ୍ରମୁଖ ସାଥୀ ।
ହେଲେ ମୋଟର ଯାନ ଆସିବା ପରେ କେଉଁଆଡ଼େ
ହଜିଗଲା ତା'ର ଟିନ୍‌ଟିନ୍ ଶବ୍ଦ। ଶୁଭିବାକୁ ଲାଗିଲା ହଜାର ହଜାର
ଗାଡ଼ିର କେଁ କାଁ, ପେଁ ପାଁ ଶବ୍ଦ । କଳା ଧୂଆଁରେ ପରିବେଶ ହରାଇବାକୁ
ଲାଗିଲା ତା'ର ସବୁଜିମା । ବିନା ବ୍ୟୟରେ ବ୍ୟାୟାମ କରାଉଥିବା ଏଇ
ସାଥୀକୁ ଛାଡି ମଣିଷ ହେବାକୁ ଲାଗିଲା ରୁଗ୍ଣ। ଏବେ ମଣିଷ ପୁଣିଥରେ
ଖୋଜୁଛି ସେଇ ପୁରୁଣା ସାଥୀକୁ । କେବେ ସୁସ୍ଥ ଶରୀର ପାଇଁ ତ ଆଉ
କେବେ ପରିବେଶକୁ ପୁଣି ଥରେ ସୁସ୍ଥ କରିବା ଲାଗି ....



୧୩

ସହରଠୁ ଦୂର

୮/୯

ସିନେମା





## ଡରକୁ ଦୂରେଇବା ଲାଗି



✲ ଡରର ସାମ୍ନା କରିବା ଶିଖନ୍ତୁ। ଯେଉଁ ପରିସ୍ଥିତି ବା ସମୟ ଆପଣଙ୍କୁ ଭୟଭିତ କରାଉଛି ସେହି ସମୟକୁ ସାହସର ସହ ସାମ୍ନା କରନ୍ତୁ।

✲ ଡର ଲାଗିଲେ ବିଚଳିତ ନ ହୋଇ ଶାନ୍ତ ରହିବାକୁ ଚେଷ୍ଟା କରନ୍ତୁ। ଏଥିଲାଗି ନିଜର ନିଃଶ୍ୱାସ ପ୍ରଶ୍ୱାସ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରନ୍ତୁ।

✲ ନିଜ ଡରଠାରୁ କଦାପି ଦୂରରେ ରହିବାକୁ ଚେଷ୍ଟା କରନ୍ତୁ ନାହିଁ। ଡରଠାରୁ ଯେତେ ଦୂରେଇ ରହିବେ ଆପଣଙ୍କୁ ସେତେ ଡର ଲାଗିବ।

✲ ଯେଉଁ ପରିସ୍ଥିତି ଆପଣଙ୍କୁ ଡରାଉଛି ସେହି ପରିସ୍ଥିତିର ସବୁଠାରୁ ଖରାପ ପରିଣାମ ବିଷୟରେ ଚିନ୍ତା କରନ୍ତୁ ଏବଂ ସେଥିରୁ କିଭଳି ନିଜକୁ ମୁକୁଳାଇପାରିବେ ସେ ବିଷୟରେ ଚିନ୍ତା କରିଲେ ଆପଣଙ୍କ ଭୟ ଆପେ ଆପେ ଦୂରେଇ ଯିବ।

✲ ଆପଣଙ୍କୁ ଭୟ ଲାଗୁଥିବା ବିଷୟ ବା ପରିସ୍ଥିତି ସମ୍ପର୍କରେ ଅନ୍ୟମାନଙ୍କୁ ଜଣାନ୍ତୁ । ଏହା ଦ୍ୱାରା ଆପଣ ଭୟକୁ ଦୂରେଇବା ଲାଗି ସମାଧାନ ପାଇପାରିବେ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଏପ୍ରିଲ ୨୧-୨୭

**ମେଷ**

ନୂତନ ଯୋଜନା, ଉଚ୍ଚପଦବୀ ପ୍ରାପ୍ତି, ଅସମ୍ପୂର୍ଣ୍ଣ କାମ ସମ୍ପୂର୍ଣ୍ଣ ହେବ, ଘର ସାଜସଜ୍ଜା, ବନ୍ଧୁଙ୍କ ଅଭିଯୋଗ, ପାରିବାରିକ ତିକ୍ତତାର ସମାପ୍ତି। ନୂତନ ସ୍ଥାନ ପରିଭ୍ରମଣ, ମାନସିକ ଅବସାଦ, ଭ୍ରାତୃ ସମ୍ପର୍କ ବୃଦ୍ଧି, ସ୍ୱାସ୍ଥ୍ୟରେ ଉନ୍ନତି।

**ବୃଷ**

ଶାରୀରିକ ସୁସ୍ଥତା, ଭୋଗ ବିଳାସ, ପାରିବାରିକ ସମସ୍ୟା। ଭାବପ୍ରବଣତା ବୃଦ୍ଧି, ପଦୋନ୍ନତିର ସୂଚନା, କଳା ସାହିତ୍ୟରୁ ପ୍ରଶଂସା, ସମସ୍ୟା ସମାଧାନ, ବିବାଦୀୟ ପରିସ୍ଥିତିର ମୁକାବିଲା, ବନ୍ଧୁ ପ୍ରସ୍ତାବ ଆସିବ।

**ମିଥୁନ**

କର୍ମକ୍ଷେତ୍ରରେ ଉନ୍ନତି, ପାରିବାରିକ ସୌଖ୍ୟ, ନୂତନ ଯାନବାହନ ଲାଭ, ସତ୍‌ସଙ୍ଗର ସୁଯୋଗ, ସଙ୍ଗଦୋଷରୁ ସମାଲୋଚନା, ବାଣିଜ୍ୟରେ ଉନ୍ନତି, ବନ୍ଧୁଙ୍କ ସ୍ୱାସ୍ଥ୍ୟହାନି, ବିବାଦରେ ଜଟିଳତା, ପ୍ରଶାସନିକ ସଫଳତା।

**କର୍କଟ**

କର୍ମଜଞ୍ଜାଳ ବୃଦ୍ଧି, ସ୍ୱାସ୍ଥ୍ୟରେ ଉନ୍ନତି, ଅର୍ଥ ସଙ୍କଟ, ସଂସ୍କୃତି ଓ ପରମ୍ପରା ପ୍ରତି ଆଗ୍ରହ, ଭ୍ରମଣରେ କ୍ଳେଶ, ବନ୍ଧୁ ସମ୍ପର୍କରେ ଉନ୍ନତି ଶିକ୍ଷାରେ ସଫଳତା, ମିଥ୍ୟା ଗୁଜବରୁ ଆଶଙ୍କା, ମାଲିମକଦ୍ଦମାରେ ବିଜୟ, କର୍ମ ତତ୍ପରତା ବୃଦ୍ଧି, ଉଚ୍ଚସ୍ତରରୁ ସମ୍ମାନ।

**ସିଂହ**

ଉଚ୍ଚ ପଦବୀ ପ୍ରାପ୍ତି, ବନ୍ଧୁମିଳନ, ମନୋରଞ୍ଜନରେ ଆଗ୍ରହ, ସ୍ତ୍ରୀଙ୍କ ପ୍ରେରଣା। ବ୍ୟୟାଧିକ୍ୟ, ଅଭୀଷ୍ଟ ସିଦ୍ଧି, ଆର୍ଥିକ ଉନ୍ନତି, ଶିଳ୍ପ, ବାଣିଜ୍ୟରେ ଉନ୍ନତି, କ୍ରନିକ୍ ରୋଗରେସମସ୍ୟା, ନୂତନ ନିଯୁକ୍ତିର ସୁଯୋଗ, ଶୁଭ କାମରେ ବାଧା।

**କନ୍ୟା**

ମୂଲ୍ୟବାନ୍ ଦ୍ରବ୍ୟଲାଭ, ମିତ୍ରତା ବୃଦ୍ଧି, ଯୋଗାଣରେ ଅଗ୍ରଗତି, ମାଙ୍ଗଳିକ କାର୍ଯ୍ୟ, କାର୍ଯ୍ୟରେ ସଫଳତା, ଦୁଃସାହସିକ ପଦକ୍ଷେପ। ପଦମର୍ଯ୍ୟାଦା ବୃଦ୍ଧି, ମକଦ୍ଦମାରୁ ଦଶ୍ଚିନ୍ତା, ଦ୍ୱନ୍ଦ୍ୱର ଅବସାନ, ଦୈହିକ ଦୁର୍ବଳତା।

**ତୁଳା**

ଦୂରଯାତ୍ରା, ନୂତନସମ୍ପର୍କ, ବନ୍ଧୁମିଳନ। ଭ୍ରମଣ ସୁଯୋଗ, କ୍ଳାନ୍ତିବୋଧ, ଶିଳ୍ପ, କାରିଗରିରୁ ଲାଭ, ଶିକ୍ଷାରେ ସଫଳତା, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ଗୃହୋପଯୋଗୀ ଜମିଲାଭ, ସମସ୍ୟାର ମୁକାବିଲା, ଯାନବାହନରେ ସମସ୍ୟା।

**ବିଛା**

ସ୍ୱାସ୍ଥ୍ୟରେ ଉନ୍ନତି, କର୍ମକ୍ଷେତ୍ରରେ ପ୍ରତିଷ୍ଠା, ଆର୍ଥିକ ଉନ୍ନତି, ପଡୋଶୀଙ୍କ ଆଦର, ଯାନବାହନ କ୍ରୟ, ସାମାଜିକ ପ୍ରତିଷ୍ଠା, ନିଃସଙ୍ଗତା ବୋଧ। ଗୃହୋପକରଣ କ୍ରୟ, ଚୁକ୍ତିପତ୍ର ସ୍ୱାକ୍ଷରିତ। ପରିବାରରୁ ସହଯୋଗ, ରାଜନୈତିକ ସଫଳତା।

**ଧନୁ**

ନୂତନ କର୍ମାରମ୍ଭ, ଉଚ୍ଚ ସମ୍ମାନ ପ୍ରାପ୍ତି, କଳା ପ୍ରିୟ ହେବେ, ବନ୍ଧୁଙ୍କୁ ଭେଟିପାରନ୍ତି ନିଜ କାମରେ ଅବହେଳା, ପାରିଶ୍ରମିକ କମ ହେବ। ସୁସ୍ଥତା ବ୍ୟାହତ, ସଭାସମିତିରେ ସମ୍ମାନ, ଶତ୍ରୁ ଉପଦ୍ରବ ହ୍ରାସ, କଚେରି ମାମଲା।

**ମକର**

ଶୁଭଖବର, ସହକର୍ମୀଙ୍କ ଅନୁରକ୍ତି, ସମସ୍ୟା ସମାଧାନ, ଯୋଜନାରେ ସଫଳତା, ପଡୋଶୀଙ୍କ ପରାମର୍ଶ, ସମ୍ପର୍କ ବୃଦ୍ଧି। କାରବାରରୁ ଖୁସି, କରଜଦାତାଙ୍କ ଚାପ ବୃଦ୍ଧି ପାଇବ, ଦୂରସ୍ଥାନକୁ ଯାତ୍ରା କରିପାରନ୍ତି।

**କୁମ୍ଭ**

ଧର୍ମକାର୍ଯ୍ୟ, ଉଚ୍ଚବର୍ଗଙ୍କ ସହାୟତା। ଉତ୍ସାହିତ ରହିବେ, ଅନୁକୂଳ ପରିବେଶ, ପାରିବାରିକ ଅସହଯୋଗ, ଖୁସିଗପର ମଉକା। ଶତ୍ରୁ ବିବାଦ, ଯାତ୍ରାରେ ଲକ୍ଷ୍ୟ ପୂରଣ, ଆନୁଷ୍ଠାନିକ କାର୍ଯ୍ୟରେ ଯୋଗଦେବେ।

**ମୀନ**

ଅର୍ଥ ଓ ସମ୍ମାନ ପ୍ରାପ୍ତି, ନୂତନ କର୍ମାରମ୍ଭ, ନିର୍ମାଣ ପୂର୍ଣ୍ଣାଙ୍ଗ, ପ୍ରଶଂସିତ ହେବେ, ବୁଝାମଣା ଠିକ୍ ରହିବ, ପ୍ରାପ୍ୟଧନରେ ବାଧା। ବନ୍ଧୁଙ୍କ ପକ୍ଷପାତିତା, ଆତ୍ମୀୟଙ୍କ ଅନାଦର ନୂତନ ସ୍ଥାନ ପରିଦର୍ଶନ, କାର୍ଯ୍ୟକୁଶଳତା, ମିତ୍ରବନ୍ଧୁ ଜୁଟିବେ।

# ନେଲପଲିସ୍ ସଂଗ୍ରହ କରି ରେକର୍ଡ

ନିଜକୁ ସଜେଇବା ପ୍ରତ୍ୟେକ ମହିଳାଙ୍କର ଏକ ଦୁର୍ବଳତା କହିଲେ ଚଳେ। ଖାସ୍ ସେଥିଲାଗି ମାର୍କେଟରେ ବିଭିନ୍ନ ପ୍ରସାଧନ ସାମଗ୍ରୀ ଉପଲବ୍ଧ ହେଉଛି। ତେବେ ଏହି ସବୁ ପ୍ରସାଧନ ସାମଗ୍ରୀ ମଧ୍ୟରୁ ନେଲ୍‌ପଲିସ୍ ଉଣା ଅଧିକେ ପ୍ରାୟ ସମସ୍ତ ମହିଳାଙ୍କ ପ୍ରଥମ ପସନ୍ଦ। ତେବେ ଜର୍ମାନୀର କାରୋଲିନା ଗୋରା ନାମକ ଜଣେ ମହିଳା ଏହି ନେଲପଲିସ୍ ସଂଗ୍ରହ କରି ସୃଷ୍ଟି କରିଛନ୍ତି ରେକର୍ଡ। ନାଲି, ନେଳି, ସବୁଜ ଆଦି ବିଭିନ୍ନ ରଙ୍ଗ ସହ ଗ୍ଲିଟର, ନିୟନ ତଥା ଭଳିକି ଭଳି ଡିଜାଇନ୍‌ର ନେଲପଲିସ୍ ବଟଲରେ ତାଙ୍କ ଘର ଭରି ରହିଛି। ଜର୍ମାନୀର ରେକର୍ଡ ଇନ୍‌ଷ୍ଟିଚ୍ୟୁଟ୍ ଅନୁଯାୟୀ କାରୋଲିନାଙ୍କଠାରେ ବର୍ତ୍ତମାନ ମୋଟ ୧୧୦୨୭ଟି ନେଲପଲିସ୍ ଶିଶି ସଂଗୃହୀତ ହୋଇ ରହିଛି, ଯାହା ପୃଥିବୀର ସବୁଠାରୁ ବୃହତ ନେଲପଲିସ୍ ଶିଶି ସଂଗ୍ରହର ରେକର୍ଡ ସୃଷ୍ଟି କରିଛି। କାରୋଲିନା ୧୫ ବର୍ଷ ବୟସରେ ପ୍ରଥମ ନେଲପଲିସ୍ କ୍ରୟ କରିଥିଲେ। ସେବେଠାରୁ ତାଙ୍କର ନେଲପଲିସ ସଂଗ୍ରହ କରିବାର ଆଗ୍ରହ ସୃଷ୍ଟି ହୋଇଥିଲା। ତାଙ୍କ ପାଖରେ ବର୍ତ୍ତମାନ ୫୪ଟି ଦେଶର ବିଭିନ୍ନ ନେଲପଲିସ୍ ସଂଗୃହୀତ ହୋଇ ରହିଛି। ସେସବୁ ମଧ୍ୟରେ ୧୯୨୦ ମସିହାର ଏକ ନେଲପଲିସ୍ ଶିଶି ମଧ୍ୟ ସାମିଲ ଅଛି। ତେବେ ଏହିସବୁ ନେଲପଲିସ୍ ଶିଶିକୁ ନେଇ ଭବିଷ୍ୟତରେ ଏକ ମ୍ୟୁଜିୟମ୍ ପ୍ରତିଷ୍ଠା କରିବା ଲକ୍ଷ୍ୟ ରଖିଛନ୍ତି କାରୋଲିନା।



## ପାଠକୀୟ

❖ସକାଳ ହେଲେ ଏମାନଙ୍କ କିଚିରି ମିଚିରି ଶବ୍ଦ, ଗାଁ ଦାଣ୍ଡରେ ଡେଇଁଡେଇଁ ଦାନା ଖୋଜୁଥିବାର ଦୃଶ୍ୟ କାହାକୁ ବା ଭଲ ନ ଲାଗେ। ଏମାନେ ହେଲେ ଘରଚଟିଆ, ଯାହାଙ୍କୁ ଦେଖିବା ଏବେ ବିରଳ। କିନ୍ତୁ ଏମାନଙ୍କ ପାଇଁ ଘର ସଜାଡ଼ି ଅଗଣା ଭିତରକୁ ଆଣିବାର ପ୍ରୟାସ କରୁଛନ୍ତି କେତେଜଣ ସହୃଦୟ ବ୍ୟକ୍ତି। ତେଣୁ ଘରଚଟିଆଙ୍କ ସୁରକ୍ଷାକୁ ଆଧାର କରି ପ୍ରସ୍ତୁତ କରାଯାଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ଏକ ଉଚ୍ଚକୋଟୀର ଆଲେଖ୍ୟ ଥିଲା। 'କାର୍ଯ୍ୟଜନିତ ଚାପ ଦୂରେଇବା ଲାଗି', 'ପ୍ଲେଟିଙ୍ଗ୍ ଦେଲା ଲୋକପ୍ରିୟତା' ଆଦି ପାଠ ଦୁଇଟିରୁ ଅନେକ ନୂଆ କଥା ଜାଣିବାକୁ ମିଳିଲା।

**–ହରେକୃଷ୍ଣ ମହାନ୍ତି, ବରମୁଣ୍ଡା, ଭୁବନେଶ୍ୱର**

❖ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗରୁ 'ଘରଚଟିଆଙ୍କ ସୁରକ୍ଷା ନେଇ ଚିନ୍ତା କରୁଥିବା କେତେଜଣ ସହୃଦୟ ବ୍ୟକ୍ତି'ଙ୍କ ସମ୍ପର୍କରେ ଜାଣି ଖୁସି ଲାଗିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ଯାତ୍ରା ଜଗତର ଭେଟେରାନ୍ ନିର୍ଦ୍ଦେଶକ ବିନୋଦ ରାଉତଙ୍କ ସଂଘର୍ଷପୂର୍ଣ୍ଣ ଜୀବନ କାହାଣୀ ବେଶ୍ ହୃଦୟସ୍ପର୍ଶୀ ଥିଲା। ସେହିପରି ସୃଜନ ପୃଷ୍ଠାରେ ସ୍ଥାନିତ 'ନାଲି ରଙ୍ଗ' ନାମକ ଗପଟି ବେଶ୍ ମନଛୁଆଁ ଲାଗୁଥିଲା।

**–ଅକ୍ଷୟ ଦାସ, ଚକ୍ରତୀର୍ଥ ରୋଡ, ପୁରୀ–୨**

❖ସିନେମା ପୃଷ୍ଠାରେ ସ୍ଥାନିତ 'ମଲ୍ଲାଇକାଙ୍କ ବ୍ୟାଚେଲର ପାର୍ଟି', 'ଡରୁଛନ୍ତି ଜ୍ୟାକ୍‌ଲିନ', 'ଇବ୍ରାହିମ୍‌ଙ୍କ ଗଡ୍‌ଫାଦର' ଆଦି ପାଠଗୁଡ଼ିକର ଉପସ୍ଥାପନାଶୈଳୀ ବେଶ୍ ଉଚ୍ଚକୋଟୀର ଥିଲା। ସେହିପରି ପ୍ରଥମ ରୋଜଗାର ସ୍ତମ୍ଭରୁ ଓଡ଼ିଶୀ ଓ ଗୀତଗୋବିନ୍ଦ ଗାୟିକା ଶ୍ରୀମତୀ ଗୀତାମଞ୍ଜରୀ ବେହେରାଙ୍କ ରୋଜଗାର ସମ୍ପର୍କିତ ଲେଖାଟି ମୋ ମନ କିଣିନେଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ୱାନ୍ ଶୋଲ୍ଡର ଟପ୍ସ' ବିଷୟରେ ଅନେକ ଅଜଣା କଥା ଜାଣିହେଲା। **–ରମେଶ ଚନ୍ଦ୍ର ବିଶୋଇ, ସମ୍ବଲପୁର**

❖ପ୍ରତିଥର ଛୁଟିଦିନରେ ପ୍ରକାଶ ପାଉଥିବା ସାଥୀର ଉତ୍ତରଗୁଡ଼ିକ ମୋତେ ପଢିବାକୁ ବହୁତ ଭଲ ଲାଗେ। ମଡେଲ୍ ମିରର୍‌ରେ ନିଶା ବେଶ୍ ସୁନ୍ଦରୀ ଲାଗୁଥିଲେ। ଐତିହାସିକ ସହର ପାଟନ ସମ୍ପର୍କରେ ଅନେକ ଅଜଣା କଥା ଜାଣି ଖୁସି ଲାଗିଲା। 'ଛଅଗୋଡ଼ିଆ ରୋବୋ' ପାଠଟି ଏକ ଆଶ୍ଚର୍ଯ୍ୟକର ବିଷୟ ଥିଲା।

**–ମମତା ଶତପଥୀ, ରାଉରକେଲା**

❖ମଞ୍ଜମାୟା ପୃଷ୍ଠାରେ ସ୍ଥାନିତ 'ଭଉଣୀ ବାହାଘର ଦେଖିବା ବୋଧେ ମୋ ଭାଗ୍ୟରେ ନ ଥିଲା' ଓ 'ଅଭିନୟ ପାଇଁ ଚାକିରି ଛାଡ଼ିଲେ' ପାଠ ଦୁଇଟିର ଉପସ୍ଥାପନାଶୈଳୀ ବେଶ୍ ଉଚ୍ଚକୋଟୀର ଥିଲା। ସେହିପରି 'ମଣିଷ ମୁଣ୍ଡରେ ଶିଙ୍ଗ', '୮୨ ବର୍ଷୀୟା ଡିଜେ କମ୍ କୁକ୍' ଏବଂ 'ବାଲାନ୍ସ କୁଇନ୍ ବିଲେଇରାଣୀ' ଆଦି ପାଠଗୁଡ଼ିକ ବେଶ୍ ଆଶ୍ଚର୍ଯ୍ୟକର ଲାଗୁଥିଲା।

**–ତପସ୍ୱିନୀ ସୂତାର, ଭବାନୀପାଟଣା**



## ବିଶେଷ ଚିଠି

ଧରିତ୍ରୀ ଛୁଟିଦିନ ଅଟେ
ମନୋରଞ୍ଜନଧର୍ମୀ ଉପହାର,
ଯାହା ଆସେ ଆମ ପାଖକୁ
ପ୍ରତି ରବିବାର।
ପ୍ରଚ୍ଛଦ ପୃଷ୍ଠାରେ ଥାଏ କିଛି
ନୂଆ ତାଜା ଖବର,
ସାଥୀ ପୃଷ୍ଠା ସହ ଗଳ୍ପ, କବିତା ଆସର
ତା'ସହ ଭଲ ଲାଗେ ବ୍ୟାକ୍‌ପେଜ୍ ଖବର।

**–ଝୁଟୁ ବିନୋଦ ବେହେରା, ନୂଆସାହି, ଗୋଶାଳା ରୋଡ୍, ନୂଆବଜାର, କଟକ**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ–ମେଲ୍ ଠିକଣା: chhutidinadharitri@gmail.com

# ସମର୍ ସ୍କାର୍ଫ





**ଖରାଦିନେ ଉତ୍ତପ୍ତ ସୂର୍ଯ୍ୟକିରଣରୁ ତ୍ୱଚାକୁ ରକ୍ଷା କରିବା ସଙ୍ଗେସଙ୍ଗେ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ ସମର୍ ସ୍କାର୍ଫ। ଖାସ୍‌କରି ଯୁବତୀମାନଙ୍କ ଗହଣରେ ଏହାର ଚାହିଦା ଖୁବ୍ ରହିଥାଏ।**

ଖରାଦିନ ଆସିଲେ ଉତ୍ତପ୍ତ ସୂର୍ଯ୍ୟକିରଣରୁ ନିଜକୁ ରକ୍ଷା କରିବା ପାଇଁ କେହି କେହି ଛତା ବ୍ୟବହାର କରୁଥିବାବେଳେ ଆଉ କେତେକେ ସମର୍ ସ୍କାର୍ଫ ବ୍ୟବହାର କରୁଥିବା ଦେଖିବାକୁ ମିଳେ। ଏହି ସ୍କାର୍ଫ କେବଳ ଖରା କୋପରୁ ତ୍ୱଚାକୁ ରକ୍ଷା କରିଥାଏ ତାହା ନୁହେଁ, ଯୁବତୀମାନଙ୍କୁ ଷ୍ଟାଇଲିଶ୍ ଲୁକ୍ ବି ଦେଇଥାଏ। ସେମିତି କିଛି ଟ୍ରେଣ୍ଡି ସମର୍ ସ୍କାର୍ଫ ସମ୍ପର୍କରେ...

**ପୋଲ୍‌କା ଡଟ୍ ସମର୍ ସ୍କାର୍ଫ:** ପୋଲ୍‌କା ଡଟ୍ ପ୍ରିଣ୍ଟ କେବେ ବି ଆଉଟ୍ ଅଫ୍ ଫ୍ୟାଶନ୍ ହୁଏ ନାହିଁ। ଏବେ ଏହି ପ୍ରିଣ୍ଟର ସମର୍ ସ୍କାର୍ଫ ବି ଯୁବତୀମାନଙ୍କର ଖୁବ୍ ପ୍ରିୟ ହେବାରେ ଲାଗିଛି। ଖରାକୁ ଗଲାବେଳେ ଏହାକୁ ମୁହଁରେ କିମ୍ବା ମୁଣ୍ଡରେ ଗୁଡାଇ ଖରାରୁ ରକ୍ଷା ପାଇପାରିବେ ନଚେତ୍ ଜିନ୍ସ ଓ ଟପ୍ସ ସହ ଏହାକୁ ବେକରେ ଷ୍ଟାଇଲ୍‌ରେ ପକାଇ ସ୍ମାର୍ଟ ଲୁକ୍ ପାଇପାରିବେ।

**ପ୍ରିଣ୍ଟେଡ୍ ଫ୍ଲୋରାଲ୍ ସମର୍ ସ୍କାର୍ଫ:** ଫ୍ଲୋରାଲ୍ ଡିଜାଇନ୍‌ର ଯେକୌଣସି ଆଉଟ୍‌ଫିଟ୍ ପିନ୍ଧିଲେ ଖରାଦିନେ ନିଜକୁ ଖୁବ୍ ଫ୍ରେଶ୍ ଲାଗିଥାଏ। ତେଣୁ ଏହି ପ୍ରିଣ୍ଟର ସମର୍ ସ୍କାର୍ଫ ପିନ୍ଧିବାକୁ ଯେମିତି କମ୍ଫର୍ଟ ଲାଗେ ଠିକ୍ ସେମିତି ଷ୍ଟାଇଲିଶ୍ ଲୁକ୍ ବି ଦେଇଥାଏ। ଖାସ୍‌କରି ଏହା ଜିନ୍ସ ଓ ଟପ୍ସ ହେଉ ଅବା ଲଙ୍ଗ୍ ସ୍କର୍ଟ ଓ ଟପ୍ସ ସହ ବେଶ୍ ଭଲ ମାନିଥାଏ।

**ଆନିମଲ ପ୍ରିଣ୍ଟ ସମର୍ ସ୍କାର୍ଫ:** ଆନିମଲ ପ୍ରିଣ୍ଟରଫ୍ୟାଶନ୍ କେବେ ବି ଆଉଟ୍ ଡେଟେଡ୍ ହୁଏ ନାହିଁ। ଏହାର ଯେକୌଣସି ଆଉଟ୍‌ଫିଟ୍ ପିନ୍ଧିଲେ ମଧ୍ୟ ଲୁକ୍ ସର୍ବଦା ଫ୍ୟାଶନେବଲ୍ ଲାଗିଥାଏ। ଖାସ୍‌କରି ଏହି ପ୍ରିଣ୍ଟର ସମର୍ ସ୍କାର୍ଫକୁ ଜିନ୍ସ ଓ ଟପ୍ସ କିମ୍ବା ଶର୍ଟ୍ସ ସହ ପିନ୍ଧିଲେ ସ୍ମାର୍ଟ ଲୁକ୍ ମିଳିଥାଏ।

## ସ୍କାର୍ଫର ଲେଙ୍ଗ୍‌ଥକୁ ନେଇ କିଛି ଟିପ୍ସ

ସ୍କାର୍ଫ ମୁଖ୍ୟତଃ ତିନୋଟି ଭିନ୍ନ ଭିନ୍ନ ଲେଙ୍ଗ୍‌ଥ ବା ଲମ୍ୱାରେ ଉପଲବ୍ଧ ହୋଇଥାଏ, ଯଥା: ଶର୍ଟ ଲେଙ୍ଗ୍‌ଥ, ମିଡିୟମ୍ ଲେଙ୍ଗ୍‌ଥ ଏବଂ ଲଙ୍ଗ୍ ଲେଙ୍ଗ୍‌ଥ। ସ୍କାର୍ଫର ଲେଙ୍ଗଥ୍ ବି ଲୁକ୍ ଉପରେ ଅନେକ ପ୍ରଭାବ ପକାଇଥାଏ। ଯେମିତି କି...

**ଶର୍ଟ ଲେଙ୍ଗ୍‌ଥ ସମର୍ ସ୍କାର୍ଫ:** ଜିନ୍ସ ଓ ଟପ୍ସ ହେଉ ଅବା ପ୍ଲାଜୋ ପ୍ୟାଣ୍ଟ କିମ୍ବା ଟ୍ରାଉଜର ପ୍ୟାଣ୍ଟ ସହ ଶର୍ଟ ଲେଙ୍ଗ୍‌ଥ ସମର୍ ସ୍କାର୍ଫ ଭଲ ମାନିଥାଏ। ଖାସ୍‌କରି ଏହାକୁ ବେକ ଓ କାନ୍ଧ ଚାରିପଟେ ଷ୍ଟାଇଲିଶ୍ ଭାବେ ଗୁଡ଼ାଇ ମଡର୍ନ ଲୁକ୍ ପାଇହୁଏ। ମୁଖ୍ୟତଃ ଡେଙ୍ଗା ଯୁବତୀଙ୍କୁ ଏହି ଷ୍ଟାଇଲ୍ ଖୁବ୍ ଭଲ ଦେଖାଯାଇଥାଏ। ସେମାନେ ଚାହିଁଲେ ସାଙ୍ଗମାନଙ୍କ ସହ ଆଉଟିଂରେ କିମ୍ବା ଶପିଂ ପାଇଁ ଗଲାବେଳେ ଏହି ଷ୍ଟାଇଲ୍‌କୁ ଅନୁକରଣ କରି ସ୍ମାର୍ଟ ଲୁକ୍ ପାଇପାରିବେ।

**ମିଡିୟମ୍ ଲେଙ୍ଗ୍‌ଥ ସମର୍ ସ୍କାର୍ଫ:** କାଜୁଆଲ୍ ଲୁକ୍ ପାଇଁ ହେଉ ଅବା ଅଫିସିଆଲ୍ ପାର୍ଟି ପାଇଁ ଯୁବତୀମାନେ ଚାହିଁଲେ ଡ୍ରେସ୍ ପ୍ୟାଣ୍ଟ ଓ କୋର୍ଟ ସହ ବେକରେ ଏହି ମିଡିୟମ୍ ଲେଙ୍ଗ୍‌ଥ ସମର୍ ସ୍କାର୍ଫକୁ ଷ୍ଟାଇଲିଶ୍ ଭାବେ ବାନ୍ଧିପାରିବେ। ତା’ଛଡ଼ା ଲଙ୍ଗ୍ ଶାର୍ଟ ଓ କୁର୍ତ୍ତା ସାଙ୍ଗରେ ବି ଏହି ଲେଙ୍ଗ୍‌ଥ ସ୍କାର୍ଫକୁ ମ୍ୟାଚିଂ କରି ପିନ୍ଧିହେବ।

**ଲଙ୍ଗ୍ ଲେଙ୍ଗ୍‌ଥ ସମର୍ ସ୍କାର୍ଫ:** ଏହି ସ୍କାର୍ଫର ଲମ୍ୱା ଟିକେ ଅଧିକ ଥାଏ। ତେଣୁ ଷ୍ଟାଇଲିଶ୍ ଲୁକ୍ ପାଇବା ପାଇଁ ଯୁବତୀମାନେ ଚାହିଁଲେ ସାଲଓ୍ୱାର– କମିଜ୍ କିମ୍ବା ପ୍ଲାଜୋ ପ୍ୟାଣ୍ଟ ସହ ଏହି ସ୍କାର୍ଫକୁ ଆଉ ବେକରେ ନ ଗୁଡ଼ାଇ କାନ୍ଧରେ ଲମ୍ୱା ଭାବେ ଗୋଟିଏ ପାର୍ଶ୍ୱ କରି ପକାଇ ପାରିବେ। ଆଉ ଯଦି ଜିନ୍ସ ଓ ଟପ୍ସ କିମ୍ବା ଡ୍ରେସ୍ ପ୍ୟାଣ୍ଟ ସହ ଏହି ସ୍କାର୍ଫ ପିନ୍ଧିବାକୁ ଚାହୁଁଥାନ୍ତି, ତା’ହେଲେ ଏହାକୁ ଷ୍ଟାଇଲିଶ୍ ଭାବେ ବେକରେ ଗୁଡ଼ାଇ କାନ୍ଧର ଉଭୟ ପାର୍ଶ୍ୱକୁ ଓହଳାଇ ରଖିପାରିବେ।











# ମୋ ସାଇକେଲ ମୋ ସାଥୀ

**ଦିନେ ସାଇକେଲ ଥିଲା ଗମନାଗମନର ପ୍ରମୁଖ ସାଥୀ । ହେଲେ ମୋଟର ଯାନ ଆସିବା ପରେ କେଉଁଆଡ଼େ ହଜିଗଲା ତା'ର ଟିନ୍‌ଟିନ୍ ଶବ୍ଦ। ଶୁଭିବାକୁ ଲାଗିଲା ହଜାର ହଜାର ଗାଡ଼ିର କେଁ କାଁ, ପେଁ ପାଁ ଶବ୍ଦ । କଳା ଧୂଆଁରେ ପରିବେଶ ହରାଇବାକୁ ଲାଗିଲା ତା'ର ସବୁଜିମା । ବିନା ବ୍ୟୟରେ ବ୍ୟାୟାମ କରାଉଥିବା ଏଇ ସାଥୀକୁ ଛାଡି ମଣିଷ ହେବାକୁ ଲାଗିଲା ରୁଗ୍ଣ। ଏବେ ମଣିଷ ପୁଣିଥରେ ଖୋଜୁଛି ସେଇ ପୁରୁଣା ସାଥୀକୁ । କେବେ ସୁସ୍ଥ ଶରୀର ପାଇଁ ତ ଆଉ କେବେ ପରିବେଶକୁ ପୁଣି ଥରେ ସୁସ୍ଥ କରିବା ଲାଗି ....**

**ସାଇକେଲ ଚଲାଇ ସାଜିଲେ ଦୃଷ୍ଟାନ୍ତ:** ଖାକି ପୋଷାକ ପିନ୍ଧି ଯେବେ ସେ ସାଇକେଲରେ ବାହାରି ପଡନ୍ତି ଅଫିସ୍‌କୁ, ରାସ୍ତାରେ ସମସ୍ତଙ୍କ ନଜର ପଡେ ତାଙ୍କ ଉପରେ। ଜଣେ ବରିଷ୍ଠ ପୋଲିସ ଅଧିକାରୀ ହୋଇ ସାଇକେଲରେ ଯିବାଟା କେମିତି ଅଡୁଆ ଅଡୁଆ ଲାଗେ ସମସ୍ତଙ୍କୁ। ଖାଲି ସାଧାରଣ ଲୋକ ନୁହନ୍ତି ତାଙ୍କ ବନ୍ଧୁ ପୋଲିସ ଭାଇମାନେ ବି କିଏ ଥଟ୍ଟା କରନ୍ତି ତ କିଏ ଆଶ୍ଚର୍ଯ୍ୟ ହୁଅନ୍ତି। ହେଲେ ଏସବୁର ପ୍ରଭାବ ପଡି ନ ଥାଏ ତାଙ୍କ ଉପରେ। ଦୀର୍ଘ ୬-୭ ବର୍ଷ ହେବ ସେ ସବୁଦିନ ଏହିଭଳି ଅଫିସ ହେଉକି ଦୋକାନ ବଜାର ସାଇକେଲରେ ହିଁ ଯିବାଆସିବା କରୁଛନ୍ତି। ସେ ହେଉଛନ୍ତି ସୋନପୁର ଉପଖଣ୍ଡ ପୋଲିସ ଅଧିକାରୀ ଭାବେ କାର୍ଯ୍ୟରତ ମିହିର କୁମାର ପଣ୍ଡା। ବୟସ ୫୩। ସେ କହନ୍ତି,'ଯାନବାହନ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଯୋଗୁ ଏବେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ପେଟ୍ରୋଲ, ଡିଜେଲ ଦର ମଧ ହୁ ହୁ ହୋଇ ବଢିବାକୁ ଲାଗିଛି। ତେଣୁ ମୋ ମତରେ ପାଖାପାଖି ଯେକୌଣସି ସ୍ଥାନକୁ ଯିବାକୁ ହେଲେ ସାଇକେଲ ହିଁ ସର୍ବୋତ୍କୃଷ୍ଟ ମାଧ୍ୟମ। ଏହାଦ୍ୱାରା ଶରୀର, ମନ ସୁସ୍ଥ ରହିବା ସହ ଧୀରେ ଧୀରେ ପରିବେଶ ବି ତା'ର ପୂର୍ବ ସବୁଜିମା ଫେରି ପାଇବ। ସେଥିପାଇଁ ତ ବାଇକ୍ ଥାଇ ବି ମୁଁ ସାଇକେଲକୁ ସାଥୀ କରିଛି। ପ୍ରତିଦିନ ମୁଁ ୨୦-୨୫ କି.ମି. ସାଇକେଲିଂ କରିଥାଏ। ସକାଳ ୬ଟାରୁ ୬ଟା ୩୦ ମୁଁ ବ୍ୟାୟାମ ପାଇଁ ସାଇକେଲିଂ କରିଥାଏ। ପୂର୍ବରୁ ଯେବେ ବୁର୍ଲା ହେଉକି ଅନ୍ୟ ଯେକୌଣସି ସ୍ଥାନରେ ପୋଷ୍ଟିଂ ହୋଇଥିଲା ସେଠି ଘରଠୁ ଅଫିସ୍ ଟିକେ ଦୂରରେ ଥିଲା। ତେଣୁ ସାଇକେଲ୍‌ରେ ହିଁ ଯିବାଆସିବା କରୁଥିଲି। ହେଲେ ଏବେ ଅଫିସ୍ ପାଖରେ ଘର। ତେଣୁ ଅଫିସ୍‌କୁ ସାଇକେଲ୍‌ରେ ନ ଗଲେ ବି ଦୋକାନ ବଜାର ସହ ଅନ୍ୟ ଯେକୌଣସି ସ୍ଥାନକୁ ଗଲେ ମୁଁ ସାଇକେଲ୍‌ରେ ହିଁ ଯାଉଛି। ଏବେ ମୁଁ ଏସ୍‌ଡିପିଓ ଅଛି। ସୁପରଭାଇଜିଂ କାମରେ ପାଖ ଥାନାକୁ ଗଲାବେଳେ ବି ମୁଁ ସାଇକେଲରେ ଯାଇଥାଏ। ବେଳେବେଳେ ତ ମୁଁ ୨୫-୩୦ କି.ମି. ଦୂର ଥାନାକୁ ବି ସାଇକେଲରେ ଯାଇଛି। ଏହା ଦେଖି ଅନେକେ ଆଶ୍ଚର୍ଯ୍ୟ ହୁଅନ୍ତି। କେହି କେହି ତ ମୋତେ ଦେଖି ମୋ ଭଳି ସାଇକେଲ ଚଲାଇବା ଆରମ୍ଭ କରିଦେଲେ। ଠିକ୍ ଯେମିତି ସମ୍ବଲପୁରରେ ଏସଡିପିଓ ଥିବା ସମୟରେ ମତେ ଦେଖି ୩ରୁ ୪ ଜଣ ଆଇଆଇସି ସାଇକେଲରେ ଯିବା ଆସିବା କଲେ। ଯାହା ମୋତେ ଖୁବ୍ ଆନନ୍ଦ ଦେଇଥିଲା। ତେବେ ସାଇକେଲିଂ ପଛରେ ମୋର ଆଦର୍ଶ ହେଉଛନ୍ତି ଆଇପିଏସ୍ ଅଫିସର ସଞ୍ଜୀବ ପଣ୍ଡା। ଯେକି 'ଭୁବନେଶ୍ୱର ସାଇକେଲିଂ ଆଣ୍ଡ ଆଡଭେଞ୍ଚର କ୍ଲବ'ର ସଦସ୍ୟ ଅଛନ୍ତି। ସେ ସାଇକେଲିଂ କରି କଟକରୁ କାଠମାଣ୍ଡୁ, ଭୁବନେଶ୍ୱରରୁ ଭୁଟାନ ସାଇକେଲରେ ଯାଇଥିଲେ। ତାଙ୍କ ସହ ମୁଁ କାମ କରିବାର ସୁଯୋଗ ପାଇଥିଲି। ଆଉ ତାଙ୍କଠାରୁ ହିଁ ଅନୁପ୍ରାଣିତ ହୋଇ ମୁଁ ସାଇକେଲ ଚଲାଇବା ଆରମ୍ଭ କଲି। ତେବେ ଯଦି ବ୍ୟକ୍ତି ବିଶେଷରେ ସମସ୍ତେ ଧୀରେ ଧୀରେ ସାଇକେଲକୁ ଆପଣେଇବେ ଦିନେ ନିଶ୍ଚୟ ପରିବେଶର ସ୍ଥିତି ସୁଧୁରିବ। ହେଲେ ଅନେକେ ଭାବନ୍ତି ସାଇକେଲ ଚଲାଇ ସବୁଆଡେ ଯିବାଟା ସମ୍ଭବ ନୁହେଁ। ମୁଁ ବି ଦିନେ ଏମିତି ଭାବୁଥିଲି। ହେଲେ ଏବେ ସାଇକେଲରେ ମୁଁ ବେଶି ସହଜ ମନେକରୁଛି। ତେଣୁ ମାନସିକତା ବଦଳିବା ନିହାତି ଜରୁରୀ।

**ଦାମୀ ଗାଡ଼ି ନୁହେଁ ସାଇକେଲ ସାଥୀ:** କେନ୍ଦୁଝରର ପୁରୁଣା ସହରରେ ରୁହନ୍ତି ଦେବବ୍ରତ ପଟ୍ଟନାୟକ। ବୟସ ୫୫। ହେଲେ ଏବେ ବି ସେ ବେଶ୍ ସୁସ୍ଥ ଓ ଫିଟ୍ । ଆଉ ଏହାର ଶ୍ରେୟ ସେ ନିଜର ପ୍ରିୟ ସାଥୀ ସାଇକେଲକୁ ଦିଅନ୍ତି। ଦେବବ୍ରତ କୁହନ୍ତି,'ପ୍ରତିଦିନ ସାଇକେଲରେ ବୁଲାବୁଲି କରିବା ସହ ବାହାରକୁ ବିଭିନ୍ନ କାମରେ, ଏମିତିକି ଦୋକାନବଜାର, ଅଫିସ ତଥା ନିଜ ବ୍ୟବସାୟକୁ ବି ମୁଁ ମୋ ସାଇକେଲରେ ହିଁ ଯାଏ। ପ୍ରତିଦିନ ସକାଳ ୫ଟା ବାଜିବା ମାତ୍ରେ ମୁଁ ଉଠିପଡେ। ଟ୍ରାକ୍‌ସୁଟ ଓ ହେଲମେଟ୍ ପିନ୍ଧି ସାଇକେଲ ଧରି ବାହାରି ପଡେ ସାଇକେଲିଂ କରିବାକୁ। ଆଉ ପ୍ରାୟ ୪୦/୫୦ କିମି ସାଇକେଲ ଚଲାଏ। କେବେ କେନ୍ଦୁଝର ବାଇପାସ (ଏନଏଚ୨୦) ରାସ୍ତାଦେଇ ତ ଆଉ କେବେ ଏନଏଚ ୪୯ରେ କାଞ୍ଜିପାଣି ରାସ୍ତାରେ ଯାଇଥାଏ। କେବେକେବେ ତ ଏନଏଚ ୨୦ରେ ଝୁମ୍ପୁରା, ଘଟଗାଁ ଆଦି ରାସ୍ତାରେ ଯାଏ। ସେହିପରି ବେଳେବେଳେ ନରଣପୁର-ଡୁବୁରି ରାସ୍ତାରେ କିଛି ବାଟ ଯାଇ ଫେରିଆସେ। ଘରକୁ ଫେରି ଗାଧୋଇପାଧୋଇ କଣ୍ଟ୍ରାକ୍ଟରି ଓ ସପ୍ଲାଏ କାମରେ ପୁରୁଣା ସହରରୁ କେନ୍ଦୁଝର ସହରକୁ ପ୍ରାୟ ୪ କିମି ଦୂରରେ ଥିବା ଅଫିସକୁ ଯାଏ। ସେଇ ପାଖରେ ମୋ ହାର୍ଡୱାର ଦୋକାନ ଓ ହୋଟେଲ ବି ଅଛି। ସେଠାକୁ ଯାଇ ବ୍ୟବସାୟ ବୁଝାବୁଝି କରେ। ମଧ୍ୟାହ୍ନ ଭୋଜନରେ ସାଇକେଲରେ ଘରକୁ ଆସେ। ପୁଣି ସନ୍ଧ୍ୟାରେ ସାଇକେଲ ଧରି ବାହାରିପଡେ ଅଫିସ୍ ଓ ଦୋକାନ ଅଭିମୁଖେ। ଏ ତ ହେଉଛି ମୋର ଦୈନନ୍ଦିନର ସାଇକେଲ ଯାତ୍ରା। ତେବେ ଥରେ ମୁଁ ସାଇକେଲରେ ବୁଲିବା ନିଶାରେ କେନ୍ଦୁଝରରୁ ବାହାରି ହରିଚନ୍ଦନପୁର ଦେଇ ବ୍ରାହ୍ମଣୀପାଳକୁ ପଳାଇଥିଲି। ସେଠାରୁ ଫେରିବା ବାଟରେ ଜଘିଂରାକୁ ବି ଯାଇଥିଲି। ସେହିଠାରୁ କେନ୍ଦୁଝର ଫେରିଲି। ଏମିତିରେ ପ୍ରାୟ ୨୦୦ କି.ମି. ସାଇକେଲରେ ଯାତ୍ରା କରିଥିଲି। ଏହା ମୋ ପାଇଁ ଏକ ନିଆରା ଓ ରୋମାଞ୍ଚକର ଅନୁଭୂତି ଥିଲା। ସେହିପରି କେନ୍ଦୁଝରରୁ ପାଟଣାକୁ ପ୍ରାୟ ୩୫ କିମି, ଯୋଡା, ବଡବିଲ, ବାମେବାରୀ ଆଦି ଅଞ୍ଚଳକୁ ବି ସାଇକେଲରେ ଯାଇ ଫେରିଛି। ଯଦିଓ ପିଲାଦିନରୁ ମୁଁ ସାଇକେଲ ଚଲାଇ ଆସୁଛି, ବୃଦ୍ଧି ପାଉଥିବା ପରିବେଶ ପ୍ରଦୂଷଣ ଓ ବୟସ ଜନିତ ରୋଗବ୍ୟାଧିରୁ ମୁକ୍ତି ପାଇବା ପାଇଁ ଗତ ପ୍ରାୟ ୬ ବର୍ଷ ହେଲା ପୁଣି ନୂତନ ଭାବରେ ସାଇକେଲ କିଣି ଚଲାଉଛି।' ଦେବବ୍ରତଙ୍କ ଦୁଇଟି ବୁଲେଟ୍ ସମେତ ସୌଖୀନ କାର୍ ବି ଅଛି। ହେଲେ ଗାଡି ଯୋଗୁ ପରିବେଶ ପ୍ରଦୂଷିତ ହେଉଥିବାରୁ, ଆବଶ୍ୟକତା ନ ହେଲେ ସେ ଗାଡ଼ି ବ୍ୟବହାର କରନ୍ତି ନାହିଁ । ଅଧିକାଂଶ ସମୟ ସାଇକେଲରେ ହିଁ ଯାତାୟାତ କରନ୍ତି ଏବଂ ଅନ୍ୟକୁ ବି ସାଇକେଲ ଚଲାଇବା ଲାଗି ପରାମର୍ଶ ଦେଇଥାଆନ୍ତି। ବିଶେଷ କରି ପାହାଡିଆ, ଜଙ୍ଗଲ ଓ ଘାଟି ରାସ୍ତାରେ ସାଇକେଲ ଚଲାଇବାକୁ ସେ ବେଶ୍ ଭଲ ପାଆନ୍ତି। ତାଙ୍କ ମତରେ ଏଭଳି ସ୍ଥାନରେ ସାଇକେଲ ଚଲାଇଲେ ବ୍ୟାୟାମ ସହିତ ଶରୀର ପାଇଁ ସୁସ୍ଥ ବାୟୁ ବି ମିଳିଥାଏ । ପ୍ରଦୂଷଣ ରୋକିବା ସହିତ ସେ ତେଲ ସଂରକ୍ଷଣର ବାର୍ତ୍ତା ମଧ୍ୟ ଦେଇଥାନ୍ତି । ଭ୍ରମଣର ନିଶା ଥିବା ଦେବବ୍ରତ ଅନେକ ସମୟରେ ନିଜ ଗାଡିରେ ବନାରସ, ଭୁବନେଶ୍ୱର, କୋଲକାତା, ଭାଇଜାଗ, ନୂଆଦିଲ୍ଲୀ, ବିଶାଖାପାଟଣା ଆଦି ସହରକୁ ବି ଯାଇଛନ୍ତି। ତେବେ ଯିବା ସମୟରେ ପ୍ରିୟ ସାଇକେଲକୁ ଯେମିତି ବି ହେଉ ନେଇଥାନ୍ତି।

→







ମିହିର କୁମାର ପଣ୍ଡା (ଡାହାଣ)

ସେଠାରେ ପହଞ୍ଚିବା ପରେ ସେ ଗାଡିକୁ ରଖି ଦେଇ ସାଇକେଲରେ ହିଁ ବୁଲାବୁଲି କରନ୍ତି। ସେ କହନ୍ତି,'ସାଇକେଲରେ ବୁଲିଲେ ନୂଆ ଜାଗାକୁ ଖୁବ୍ ନିକଟରୁ ଚିହ୍ନିବା ସହ ଅନୁଭବ କରିହୁଏ। ପେଟ୍ରୋଲ୍ ବଞ୍ଚେ। ତା'ସହ ଏକ ନିଆରା ଆନନ୍ଦ ବି ମିଳେ। ତେଣୁ ସାଇକେଲ ମୋର ସବୁବେଳେ ସାଥୀ ହୋଇ ରହିଥାଏ।' ନରଦେହେ ନାରାୟଣ ମନ୍ତ୍ରରେ ଅଭିଷିକ୍ତ ଦେବବ୍ରତ ଗରୀବ, ନିରାଶ୍ରୟ ଓ ଅସହାୟ ଲୋକଙ୍କ ସେବା ବି କରିଥାଆନ୍ତି। ଆଗାମୀ ଦିନରେ ସେମାନଙ୍କ ପାଇଁ ଆଶ୍ରମ ପ୍ରତିଷ୍ଠା କରିବା ଲକ୍ଷ୍ୟ ରଖିଛନ୍ତି।

**୪୭ ବର୍ଷର ସାଥୀ ସାଇକେଲ:**ବାବାଜୀ ଚରଣ ପାତ୍ର, ବୟସ ୬୮। ଘର କେନ୍ଦ୍ରାପଡା, ରାଜନଗର ବ୍ଲକ ଅନ୍ତର୍ଗତ ସନ୍ଥପଡାରେ। ଦିନେ ସେ ଥିଲେ ଗାଁ ରାଜନୀତିରେ ସକ୍ରିୟ। ତା'ସହ କଣ୍ଟ୍ରାକ୍ଟରି ବି କରୁଥିଲେ। ସେଥିପାଇଁ ଆଖପାଖ ଅଞ୍ଚଳରେ ସେ ଥିଲେ ବେଶ୍ ପରିଚିତ। ହେଲେ ଦିନେ ଏକ ଦୁର୍ଘଟଣାରେ ୫୫ ପ୍ରତିଶତ ଭିନ୍ନକ୍ଷମ ପାଲଟିଗଲେ। ତଥାପି ଲୋକଙ୍କ ସେବା ଓ ପ୍ରକୃତି ପ୍ରତି ଭଲ ପାଇବା ତାଙ୍କର କମି ନ ଥିଲା। ଆଜି ବି ରାଜନଗର ବ୍ଲକ୍‌ର ୨୯ ପଞ୍ଚାୟତର ଲୋକେ ତାଙ୍କୁ ବିଭିନ୍ନ ନ୍ୟାୟ ନିଶାପ ପାଇଁ ଡାକନ୍ତି। ଆଉ ଗଲାବେଳେ ସାଙ୍ଗରେ ତାଙ୍କର ଥାଏ ସାଇକେଲ। ୧୫-୨୦ କି.ମି. ପର୍ଯ୍ୟନ୍ତ ସେ ନିଜ ସାଇକେଲରେ ଯାଇପାରନ୍ତି। ଖାଲି ନ୍ୟାୟ ନିଶାପ ପାଇଁ ନୁହେଁ ଘରୁ ବାହାରିବା ମାତ୍ରେ ସାଇକେଲ ଥାଏ ସାଥିରେ। ସାଇକେଲ ଯେମିତି ପାଲଟିଗଲାଣି ତାଙ୍କର ପରିଚୟ। ବାବାଜୀ କୁହନ୍ତି,'ପ୍ରତିଦିନ ମୁଁ ସାଇକେଲରେ ଯେମିତି ହେଲେ ଗାଁରୁ ରାଜନଗର ପ୍ରାୟ ୧୫ କି.ମି. ଯିବାଆସିବା କରିଥାଏ। ତା'ସହ ଦୋକାନ, ବଜାର ଗଲେ କି ଆଖପାଖ ଯେଉଁଠି ଗଲେ ବି ସାଇକେଲରେ ହିଁ ଯାଏ। ୧୯୭୨ ମସିହାରେ ଦଶମ ପାସ୍ ହେବା ପରେ ବହୁ କଷ୍ଟରେ ସାଇକେଲଟିଏ କିଣିଥିଲି। ସେବେଠାରୁ ମୁଁ ସାଇକେଲକୁ ନିଜ ଯିବା ଆସିବାର ସାଥୀଭାବେ ବାଛି ନେଇଛି। ସମୟକ୍ରମେ ବାଇକ୍, କାର୍ ବି କିଣା ହୋଇଛି। ପୁଅମାନେ ସେସବୁ ବ୍ୟବହାର କରନ୍ତି।



ବାବାଜୀ ଚରଣ ପାତ୍ର



ଦିବ୍ୟସିଂହ ଦାସ ଅଧିକାରୀ

## ମାନସିକତା ବଦଳିଲେ ଯାଇ ସାଇକେଲ ହୋଇପାରିବ ସମସ୍ତଙ୍କ ସାଥୀ

*-ସତ୍ୟଜିତ୍ ମହାନ୍ତି, କମିଶନର, ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସ୍*

ପ୍ରଫେଶନ୍‌ର ଚାପରୁ ଟିକେ ହାଲ୍‌କା ହେବା ପାଇଁ ସାଇକେଲ ପାଲଟିଛି ମୋର ସାଥୀ। ପ୍ରତି ରବିବାର ସକାଳ ୬ଟାରୁ ୬ଟା ୩୦ ଭିତରେ ମୁଁ ମୋର ପ୍ରିୟ ସ୍କଟ୍ ହାଇବ୍ରିଡ୍ ସାଇକେଲ ଧରି ବାହାରିପଡେ ସାଇକେଲିଂ ପାଇଁ। ଖୋଲା ଆକାଶ ତଳେ, ଥଣ୍ଡା ଓ ବିଶୁଦ୍ଧ ବାତାବରଣ ଭିତରେ ସାଇକେଲ ଚଲାଇବାର ମଜା ଅଲଗା। ମନ ତାଜା ଲାଗିବା ସହ ଏକ ଦିବ୍ୟ ତଥା ସ୍ୱର୍ଗୀୟ ଅନୁଭୂତି ମିଳେ। ୫-୬ ବର୍ଷ ହେବ ସାଇକେଲିଂ କରୁଛି। ଦୁଇରୁ ଅଢେଇ ଘଣ୍ଟା ପର୍ଯ୍ୟନ୍ତ ପ୍ରାୟ ୩୦-୪୦ କି.ମି. ସାଇକେଲ ଚଲାଇଥାଏ। କଟକରୁ କେନ୍ଦ୍ରାପଡା ପର୍ଯ୍ୟନ୍ତ ବି ସାଇକେଲ ଚଲାଇଛି। ଶରୀରକୁ ଫିଟ୍ ରଖିବା ସହ ପରିବେଶକୁ ବି ସୁସ୍ଥ ରଖିବାରେ ସାହାଯ୍ୟ କରେ ସାଇକେଲ। ତେଣୁ ଏହାକୁ ଯେମିତି ଅଧିକରୁ ଅଧିକ ଲୋକ ବ୍ୟବହାର କରିବେ ସେଥିପାଇଁ କଟକରେ 'ବାରବାଟୀ ସାଇକେଲିଷ୍ଟସ୍' ନାମକ ଏକ ସାଇକେଲିଂ କ୍ଲବ୍

ସତ୍ୟଜିତ୍ ମହାନ୍ତି



କରିଛି। ୨୦୧୩ରୁ ଆରମ୍ଭ ହୋଇଥିବା ଏହି କ୍ଲବରେ ୧୬/୨୦ ଜଣ ସକ୍ରିୟ ସଦସ୍ୟ ଅଛନ୍ତି। ଏମାନେ ରବିବାର ଲଙ୍ଗ ରାଇଡ୍‌ରେ ଯିବାସହ ଆଡଭେଞ୍ଚର୍ସ ଟ୍ରିପ୍‌ରେ ବି ଯାଆନ୍ତି। ବିଭିନ୍ନ ମହତ୍ତ୍ୱପୂର୍ଣ୍ଣ ଦିବସ ଯେମିତିକି ବିଶ୍ୱ ପରିବେଶ ଦିବସ, ଗାନ୍ଧୀ ଜୟନ୍ତୀ ଆଦିରେ ସାଇକେଲ ରାଲି କରି ସଦସ୍ୟମାନେ ଲୋକଙ୍କୁ ଅଧିକରୁ ଅଧିକ ସାଇକେଲ ଚଲାଇବାର ବାର୍ତ୍ତା ଦିଅନ୍ତି। ସାଇକେଲିଂ ଉପକାରିତା ସମ୍ପର୍କରେ ବୁଝାନ୍ତି। ତେବେ ଆମ ସମାଜରେ ସାଇକେଲକୁ ସମ୍ପୂର୍ଣ୍ଣଭାବେ ଆପଣେଇବା ଏବେ ସମ୍ଭବ ନୁହେଁ। ଯେବେ ଲୋକଙ୍କ ମନରୁ କାର୍ ପ୍ରାଇଡ୍ ବା କାର୍‌କୁ ଷ୍ଟାଟସ୍‌ର ପ୍ରତୀକ ଭାବିବା ମନୋଭାବ ଦୂର ହେବ ସେବେ ଯାଇ ସାଇକେଲକୁ ସମସ୍ତେ ବିନା ଦ୍ୱିଧାରେ ଆପଣେଇବେ। କିନ୍ତୁ ବିକଶିତ ଦେଶଗୁଡିକରେ କାର୍ ଓ ବାଇକ୍‌କୁ ନେଇ ଆଉ ସେମିତି କୌଣସି ମନୋଭାବ ନାହିଁ। ତା'ଛଡା ସେମାନେ ଧୀରେ ଧୀରେ ପରିବେଶ ପ୍ରତି ସଚେତନ ବି ହୋଇଗଲେଣି। ତେଣୁ ସେଠାରେ ଏବେ ସାଇକେଲ ବହୁଳଭାବେ ବ୍ୟବହାର ହେଉଛି। ଏହି ମନୋଭାବ ଆସିବା ଲାଗି ବୋଧହୁଏ ଆହୁରି ଏକ ପିଢି ଲାଗିଯିବ। ସେ ଯାହାବି ହେଉ ମୋ ମତରେ ଶରୀର ଓ ମନକୁ ସୁସ୍ଥ ରଖିବାକୁ ହେଲେ ସମସ୍ତେ ସାଇକେଲ ବ୍ୟବହାର କରିବା ଉଚିତ। ତେବେ ଜିମ୍‌ରେ ସାଇକେଲିଂ ନ କରି ଖୋଲା ଆକାଶ ତଳେ କରିବା ଭଲ। ଏହାଦ୍ୱାରା ସମସ୍ତେ ପରିବେଶର ନିକଟବର୍ତ୍ତୀ ହେବା ସହ ସୁସ୍ଥ ବି ରହିବେ।



ନିରଞ୍ଜନ ତ୍ରିପାଠୀ



ଦେବବ୍ରତ ପଟ୍ଟନାୟକ

## ସବୁଠୁ ନିରାପଦ, ସ୍ୱାସ୍ଥ୍ୟ ପାଇଁ ହିତକର ସାଇକେଲ-ପ୍ରଫେସର ଡା. ନିରଞ୍ଜନ ତ୍ରିପାଠୀ

ଯାତାୟାତ ପାଇଁ ଆଜିପର୍ଯ୍ୟନ୍ତ ତିଆରି ହୋଇଥିବା ସବୁ ଯାନବାହନଠାରୁ ସାଇକେଲ ସର୍ବୋତ୍କୃଷ୍ଟ। ଏହା ଯେମିତି ନିରାପଦ, ସେମିତି ସ୍ୱାସ୍ଥ୍ୟ ପାଇଁ ହିତକର ଓ ଇକୋ ଫ୍ରେଣ୍ଡଲି ବି। ଆଜିକାଲିର ଲାଇଫ୍ ଷ୍ଟାଇଲ୍ ଓ ଖାଦ୍ୟପେୟ ଦିନକୁ ଦିନ ଲୋକଙ୍କୁ ରୁଗ୍ଣ କରିଦେଉଛି। ହେଭି ଫ୍ୟାଟ୍ ଜାତୀୟ ଖାଦ୍ୟ ସାଙ୍ଗକୁ ବ୍ୟାୟାମର ଅଭାବ ଓ ଅଫିସ୍‌ରେ ବସି ରହି କାମ କରିବା ଯୋଗୁ ପେଟରେ ଚର୍ବି ଜମିବା ଭଳି ସମସ୍ୟା ସୃଷ୍ଟି ହେଉଛି। ଏହି ଚର୍ବି ବହୁତ ମାରାତ୍ମକ। ଏହାଯୋଗୁ ଧମନୀଗୁଡିକର ସଙ୍କୋଚନ ପ୍ରସାରଣରେ ସମସ୍ୟା ଦେଖାଦିଏ। ଆଉ ହୃତ୍‌ପିଣ୍ଡ ଉପରେ ଚାପ ପଡିଥାଏ। ଫଳରେ ହୃଦ୍‌ରୋଗ ଆଶଙ୍କା ବଢିଯାଏ। ରକ୍ତଚାପ, ମସ୍ତିଷ୍କ ଆଘାତ ସହ କ୍ୟାନ୍ସର ଭଳି ରୋଗ ହେବାର ଆଶଙ୍କା ସୃଷ୍ଟି ହୁଏ। ପେଟର ଚର୍ବିରୁ ମାରାତ୍ମକ ବିଷ ବି ତିଆରି ହୁଏ। ତେଣୁ ପ୍ରତିଦିନ ଯଦି ଘଣ୍ଟାପ୍ରତି ୫ କି.ମି. ବେଗରେ ଏକଘଣ୍ଟା ସାଇକେଲିଂ କରାଯାଏ, ତେବେ ୨୫୦ରୁ ୩୦୦ କ୍ୟାଲୋରି ଦହନ ହୋଇଥାଏ। ଖାସ୍‌କରି ବାହାରେ ସାଇକେଲିଂ କଲେ ବେଶି ଉପକାର ମିଳିଥାଏ। ତେଣୁ ପ୍ରତିଦିନ ସାଇକେଲିଂ କରିବା ନିହାତି ଜରୁରୀ। ମୁଁ ବି ମୋ ସ୍ୱାସ୍ଥ୍ୟ ପାଇଁ ପ୍ରତିଦିନ ଏକ ଘଣ୍ଟା ସାଇକେଲ ଚଲାଉଥିଲି। ୪୦ବର୍ଷ ବୟସରୁ ୬୦ ବର୍ଷ ବୟସ ପର୍ଯ୍ୟନ୍ତ ମୁଁ ପ୍ରତିଦିନ ସାଇକେଲ ଚଲାଉଥିଲି। ହେଲେ ଏବେ ମୋତେ ୮୦ ବର୍ଷ ବୟସ। ବାହାରେ ଯାଇ ସାଇକେଲ ଚଲାଇ ପାରୁନାହିଁ। ତଥାପି ସାଇକେଲ ନିଶା ଛାଡିନି। ତେଣୁ ଜିମ୍‌ରେ ପ୍ରତିଦିନ ସାଇକେଲିଂ କରିଥାଏ। ସାଇକେଲିଂ ସ୍ୱାସ୍ଥ୍ୟ ପାଇଁ ଯେତିକି ଉପକାରୀ ପରିବେଶ ପାଇଁ ବି ଏହା ସେତିକି ଭଲ। ନା ପ୍ରଦୂଷଣର ଚିନ୍ତା ଥାଏ, ନା ଦୁର୍ଘଟଣାର। ଖର୍ଚ୍ଚ ବି ନାହିଁ କହିଲେ ଚଳେ। ତେଣୁ ଧୀରେ ଧୀରେ ସମସ୍ତେ ସାଇକେଲକୁ ସାଥୀଭାବେ ବାଛିନେବା ଭଲ। ଅଫିସ୍ ହେଉକି ଆଖପାଖ ଯେଉଁଠିକୁ ଗଲେ ବି ବାଇକ୍ ବ୍ୟବହାର ନ କରି ଯଦି ସାଇକେଲ ବ୍ୟବହାର କରାଯାଇପାରିବ ପ୍ରଦୂଷଣ ଅନେକାଂଶରେ କମିଯିବ। ଦ୍ରୁତ ଗତି ପାଇଁ ଚାହିଁଲେ ସୋଲାର ସାଇକେଲ୍ ବି ବ୍ୟବହାର କରିପାରିବେ। ଫଳରେ ଗନ୍ତବ୍ୟସ୍ଥଳକୁ ଠିକ୍ ସମୟରେ ପହଞ୍ଚିବା ସହ ବାୟୁ ପ୍ରଦୂଷିତ ହେବାର ଚିନ୍ତା ରହିବନି। ଯେବେ ସମସ୍ତେ ସଚେତନ ହେବେ ତେବେ ଯାଇ ପରିବେଶ ହୋଇପାରିବ ସୁସ୍ଥ।

ହେଲେ ମୁଁ କେବେ ବି ସାଇକେଲ ଛଡା ଆଉ କିଛି ଚଲାଇ ନାହିଁ। କାରଣ ମୁଁ ପରିବେଶକୁ ବହୁତ ଭଲ ପାଏ। ତାକୁ ନଷ୍ଟ ହେବା ଦେଖିପାରେନା। ତା'ଛଡା ସାଇକେଲ ମୋ ଜୀବନର ଅଙ୍ଗ ପାଲଟିଯାଇଛି। ତାକୁ ମୁଁ ଏତେ ଭଲ ପାଏ ଯେ, ତାକୁ ଛାଡି ଆଉ କେବେ କିଛି ଚଲାଇବା କଥା ଭାବିନି। ଗାଡି ଚଲାଇଲେ କାଳେ ସାଇକେଲ ଚଲାଇବାର ଇଚ୍ଛା କମିଯିବ, ସେ କଥା ଭାବି ମଧ୍ୟ ମୁଁ କେବେ ଗାଡି ଧରିନି। ଗୋଡ ଖରାପ ଥିବା ସତ୍ତ୍ୱେ ମୁଁ ସାଇକେଲ ହିଁ ଚଲାଏ। ଆଗରୁ ମୁଁ ୪୦-୫୦ କି.ମି. ସାଇକେଲରେ ଯାଇପାରୁଥିଲି। ହେଲେ ବୟସ ବଢିବା ସହ ଗୋଡ ଖରାପ ହୋଇଥିବା ଯୋଗୁ ଦିନକୁ ମାତ୍ର ୧୫-୨୦ କି.ମି. ହିଁ ଚଲାଇପାରୁଛି।' ପରିବେଶ ପ୍ରେମୀ ବାବାଜୀ ଆଜିପର୍ଯ୍ୟନ୍ତ ୩୫୦୦ ଗଛ ଲଗାଇସାରିଲେଣି। ଏବର୍ଷ ସେ ୧୦୦୦ରୁ ଊର୍ଦ୍ଧ୍ୱ ଗଛ ଲଗାଇବାକୁ ଲକ୍ଷ୍ୟ ରଖିଛନ୍ତି।

→

# ଚାଷ କାମ ଯାହାର...

ରାଜଧାନୀ ଉପକଣ୍ଠରେ ତାଙ୍କର ଘର,ମାତ୍ର ନିଯୁକ୍ତି ପାଇଁ କୌଣସି ସଂସ୍ଥା କି କଳକାରଖାନା ପ୍ରତି କେବେ ସେ ମନବଳାଇ ନାହାନ୍ତି। କେବଳ ନିଜର ଉଦ୍ୟମ, ଆଗ୍ରହ ଓ କଠିନ ପରିଶ୍ରମ କରି ସେ ହୋଇପାରିଛନ୍ତି ଜଣେ ସ୍ୱାବଲମ୍ବୀ । ହେଲେ ଚାଷକାର୍ଯ୍ୟ ତାଙ୍କର ନିଶା ପାଲଟିଛି । ବିଭିନ୍ନ ସମୟରେ ତାଙ୍କ କୃଷିକ୍ଷେତ୍ରକୁ ଗବେଷଣାରତ ସ୍କୁଲ,କଲେଜର ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭକରି କୃଷି ବିଭାଗର ଉଚ୍ଚ ପଦାଧିକାରୀମାନେ ବୁଲିବାକୁ ଆସିଥାନ୍ତି । ଏମିତିରେ ସେ ଦେଶର ବିଭିନ୍ନ ରାଜ୍ୟକୁ ବୁଲିବାକୁ ଯାଇ ସେଠାର କୃଷିକ୍ଷେତ୍ର ଓ ଚାଷ ସମ୍ପର୍କରେ ପ୍ରତ୍ୟକ୍ଷ ଅନୁଭୂତିକୁ ପୁଞ୍ଜିକରି ନିଜ ଚାଷ କ୍ଷେତ୍ରରେ ସେହି ଜ୍ଞାନକୌଶଳ ପ୍ରୟୋଗ କରିଛନ୍ତି । ଏଥିପାଇଁ ସେ ନିଜର ନିଆରା ପରିଚୟ ସୃଷ୍ଟି କରିଛନ୍ତି। ସେ ହେଲେ ବିଧୁରଞ୍ଜନ ସାମନ୍ତରାୟ । ବୟସ ପ୍ରାୟ ୪୬ ବର୍ଷ । ପିତା ପୂର୍ଣ୍ଣଚନ୍ଦ୍ର ସାମନ୍ତରାୟ, ମାତା ସୁଲୋଚନା । ଘର ଖୋର୍ଦ୍ଧା ଜିଲା ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ ମେଣ୍ଢାଶାଳ ଗାଁରେ। ସେ କୁହନ୍ତି, ଜେଜେ ଥିଲେ ଜଣେ ସ୍ୱାଧୀନତା ସଂଗ୍ରାମୀ ଏବଂ ଗାଁରେ ଆମର ଯୌଥପରିବାର। ସ୍କୁଲ ବୟସରେ ମୁଁ ବାପାଙ୍କ ସହିତ ଚାଷଜମିକୁ ବୁଲିବାକୁ ଯାଉଥିଲି। ବଳକାସମୟରେ ନିକଟସ୍ଥ ଜଙ୍ଗଲକୁ ଯାଇ ପ୍ରାକୃତିକ ପରିବେଶଦେଖି ଖୁସି ହୋଇପଡୁଥିଲି। ଗାଁ ସ୍କୁଲରେ ପ୍ରାଥମିକ ଶିକ୍ଷା ସାରି ଜଟଣୀ କଲେଜରେ ଯୁକ୍ତଦୁଇ ଏବଂ ରାଜଧାନୀରେ ଗ୍ରାଜୁଏଶନ ପଢିଲି। ମାତ୍ର ନିଜେ କିପରି ରୋଜଗାର କରିବି ସେଥିପାଇଁ ଚିନ୍ତାକଲି ଏବଂ କୃଷିକାର୍ଯ୍ୟ ପ୍ରତି ମନରେ ଆପେ ଆପେ ଆଗ୍ରହ ସୃଷ୍ଟି ହୋଇଥିଲା। ବାରିରେ ଶାଗପଟାଳିରେ କାମକରୁଥିଲା ବେଳେ ମୋ ସହିତ ପରିବାର ଲୋକମାନେ ପରିଶ୍ରମ କରୁଥିବାରୁ ମନରେ ଅଧିକ ଉତ୍ସାହ ଭରିଥିଲା। କିଛିଦିନ ପରେ ଉଦ୍ୟାନ ବିଭାଗ ଅଧିକାରୀ ବୈରାଗୀଚରଣ ପୃଷ୍ଟିଙ୍କ ସହିତ ଦେଖାହେବାରୁ ସେ ମୋତେ ଫୁଲଚାଷ ପାଇଁ ପରାମର୍ଶ ଦେଇ ମାଗଣାରେ ଗେଣ୍ଡୁ,ରଜନୀଗନ୍ଧା ଓ ଗୋଲାପ ଫୁଲଚାରା ଯୋଗାଇଦେଇଥିଲେ। ଏଥିରୁ ଭଲ ରୋଜଗାର ହୋଇପାରିବ ଆଶାକରି ଫୁଲଚାଷ କରିଥିଲି। ସେହିବର୍ଷ ଏହି ଫୁଲ ଚାଷରୁ ସମସ୍ତ ଖର୍ଚ୍ଚଯାଇ ପ୍ରାୟ ୮୫ ହଜାର ଟଙ୍କା ଲାଭ ହୋଇଥିଲା। ଋତୁ ଅନୁସାରେ ଶାଗଠାରୁ ଆରମ୍ଭକରି ବିଭିନ୍ନଫୁଲ ଚାଷହେଲା। ନିକଟରେ ଡେରାଶ ଡ୍ୟାମ ଯାଇଥିବାରୁ କେନାଲରୁ ପାଣିର ସୁବ୍ୟବସ୍ଥା ହୋଇପାରୁଛି। ପ୍ରାୟ ୫ଏକର ଜମିରେ ନଡ଼ିଆଗଛ ୨ଶହ, ଆମ୍ବଗଛ ୧୦୦ଟି, ସପୁରି ୨ହଜାର, ସପେଟା ୩୦ଟି, ୫ଟି ମହୁବାକ୍ସ ରହିଛି। ଅଢେଇ ଏକର ଜମିରେ ଖରିଫ ଓ ରବିଚାଷ ସହ ଆଉ ଅଢେଇ ଏକର ଜମିରେ ଧାନଚାଷ କରେ। ବିଭିନ୍ନ ଫୁଲଗଛ ଲଗାଇଛି। ଏମିତିରେ ୬ବର୍ଷଧରି ଗଛରେ ଆମ୍ବ ଫଳୁଛି, ୩ବର୍ଷଧରି ନଡ଼ିଆଗଛରୁ ନଡ଼ିଆ ମିଳୁଛି। ଏହି ପରିବେଶରେ ୧୨ଟିଦେଶୀଗାଇ,୩ଟି ଜର୍ସିଗାଇ ଓ ୧ହଜାର କୁକୁଡ଼ା ପାଳନ କରିଛି । ବର୍ଷକୁ ସମସ୍ତ ଖର୍ଚ୍ଚଯାଇ ପ୍ରାୟ ୫ ଲକ୍ଷଟଙ୍କା ରୋଜଗାର ହୋଇପାରୁଛି। ଏଥିରେ ପରିବାର ଲୋକଙ୍କ ସହଯୋଗ ବି ରହିଛି। କୃଷି ଅଧିକାରୀ ସୁବାସ ଚନ୍ଦ୍ର ପଣ୍ଡାଙ୍କଠାରୁ ପ୍ରେରଣା ପାଇଛି। ଥରେ କୃଷି ସମବାୟ ସମିତିରୁ ୫୦ହଜାର ଟଙ୍କାର ଋଣ ସହାୟତା ମିଳିଥିଲା। ତାହା ସୁଝି ଦେଇଛି। ବର୍ଷର ବିଭିନ୍ନ ସମୟରେ ଏହି ଉଦ୍ୟାନ କୃଷି ଏବଂ ଚାଷକ୍ଷେତ୍ରକୁ କେତେକ ସ୍କୁଲ,କଲେଜ ଛାତ୍ରୀଛାତ୍ର ଏବଂ ବହୁ ଉଚ୍ଚପଦାଧିକାରୀ ଗବେଷଣା ପାଇଁ ପରିଦର୍ଶନରେ ଆସିଥାନ୍ତି। ଗାଁରେ 'କୃଷକ ସାଥୀ'ନାମରେ ଏକ ସାରଦୋକାନ ଦେଇଛି। ସରକାରୀ ଯୋଜନାରେ ଗେଣ୍ଡୁଚାଷ ତାଲିମ ପାଇଁ କୋଲକାତା ଓ ଉତ୍ତରପ୍ରଦେଶ ଯାଇଥିଲି। କଦଳୀ ଚାଷ ପାଇଁ ରାଜମନ୍ଦିର, ରଜନୀଗନ୍ଧା ପାଇଁ ବାଙ୍ଗାଲୋର, ବାଦାମ ଚାଷପାଇଁ ଗୁଜରାଟର ବଲ୍ଲଭଗଡ଼ ଏବଂ ଉନ୍ନତ ନଡ଼ିଆ ଚାଷ ପାଇଁ କେରଳ ଯାଇଥିଲି। ପୁଣି ଚାଷକ୍ଷେତ୍ରକୁ ଜଳର ସୁପରିଚାଳନା, କେନାଲ ଜଳ ବଣ୍ଟନରେ ସୁବିଧାରେ କିପରି ହୋଇଛି ଜାଣିବା ପାଇଁ ହରିୟାଣା ମଧ୍ୟ ଯାଇଛି। ସେଠାର ମୁଖ୍ୟକେନାଲରେ ଆଡ଼ିବନ୍ଧ କରି ଶାଖାକେନାଲରୁ ଚାଷଜମିକୁ ପାଣିର ବ୍ୟବସ୍ଥା ହୋଇପାରିଛି। ଆନ୍ଧ୍ରପ୍ରଦେଶର ଚାଷଜମିରେ ପାଣି ଯୋଗାଇବାକୁ ମାଗଣାରେ ବିଦ୍ୟୁତ ବ୍ୟବସ୍ଥା ହୋଇଛି। ଆମ ଓଡ଼ିଶାରେ କେବଳ କୋରାପୁଟର ନନ୍ଦପୁରରେ ଏପରି କିଛି ସ୍ଥାନରେ ଦେଖିବାକୁ ମିଳେ। ଗୁଜରାଟରେ ଚାଷକ୍ଷେତ୍ରକୁ ଭାଗ ଭାଗ କରି ସେହି ଅନୁପାତରେ ବଡ଼ଚାଷୀ, ମଧ୍ୟମଚାଷୀ ଓ କ୍ଷୁଦ୍ରଚାଷୀଙ୍କ ପାଇଁ ବଜାର ବ୍ୟବସ୍ଥା କରାଯାଇଛି। ମହାରାଷ୍ଟ୍ରରେ ଜୈବିକ ଚାଷକୁ ଗୁରୁତ୍ୱ ଦିଆଯାଇଥିବା ବେଳେ ସ୍ୱତନ୍ତ୍ର ବଜାରର ଚାହିଦା ରହିଛି। ଏପରି ଅନେକ ସ୍ଥାନ ବୁଲିଥିବାରୁ ବହୁ ଅନୁଭୂତିକୁ ପୁଞ୍ଜିକରି ନିଜର କୃଷିକାର୍ଯ୍ୟରେ ତାହା ପ୍ରୟୋଗକରି ସଫଳତା ପାଇସାରିଛି। ମୋର ଏପରି ଉଦ୍ୟାନ କୃଷି କାର୍ଯ୍ୟ ପାଇଁ ଅନେକ ବେସରକାରୀ ଓ ସରକାରୀ ସଂସ୍ଥାରୁ କୃଷି ଓ କୃଷକ ସମ୍ମାନ, ଅଖିମୁଠି ସମ୍ମାନ, ସଫଳ ଆମ୍ବଚାଷୀ, ଅଗ୍ରଣୀ କୃଷି ସମ୍ମାନ, କୃଷିବିତ ସମ୍ମାନ, ଓୟୁଏଟି ପ୍ରଦତ୍ତ ଅଭିନବ କୃଷି ସମ୍ମାନ, ଯୁବପ୍ରତିଭା ସମ୍ମାନ ମିଳିଛି। ଗାଁରେ ମୃତ୍ତିକା କ୍ଲବଟିଏ ଗଢ଼ି କୃଷକମାନଙ୍କୁ କୃଷି ସମ୍ପର୍କରେ ଯଥାସମ୍ଭବ ସୂଚନା ଦେବାର ଲକ୍ଷ୍ୟରଖିଛି।


ବିଧୁରଞ୍ଜନ ସାମନ୍ତରାୟ





–ବନବିହାରୀ ବେହେରା

## ପ୍ରଚ୍ଛଦ ପ୍ରସଙ୍ଗର ଅବଶିଷ୍ଟାଂଶ...

**ସ୍କୁଟର ଛାଡି ସାଇକେଲ ଧରିଲେ:** ଦିବ୍ୟସିଂହ ଦାସ ଅଧିକାରୀ। ବୟସ ୬୪। ଘର ଯଦିଓ ଭଦ୍ରକ ଜିଲା ତିହିଡି ନୂଆବନ୍ଧ ଗାଁରେ। କିନ୍ତୁ ଏବେକାର ଠିକଣା ଭଦ୍ରକ ପୌରାଞ୍ଚଳ ମଠସାହି ଗ୍ରାମରେ। ୧୯୫୫ରେ ଜନ୍ମିତ ଦିବ୍ୟସିଂହ ରେଭେନ୍ସା ମହାବିଦ୍ୟାଳୟର ଛାତ୍ର। ୨୩ ବର୍ଷରୁ ସେ ରାଜସ୍ୱ ବିଭାଗରେ ଚାକିରି ଆରମ୍ଭ କରିଥିଲେ। ୨୦୧୩ ମାର୍ଚ୍ଚରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାବେ ଅବସର ନେଲେ । ପ୍ରଥମେ ତ ସେ ନିଜର ସ୍କୁଟର ବ୍ୟବହାର କରୁଥିଲେ। ହେଲେ ପରବର୍ତ୍ତୀ ସମୟରେ ତାକୁ ଛାଡି ସାଇକେଲ ଧରିଥିଲେ। ଯୁବପିଢିଙ୍କ ବେପରୁଆ ବାଇକ ଚଲାରେ ବ୍ୟତିବ୍ୟସ୍ତ ହେବାସହ ପରିବେଶର ଚିନ୍ତା ତାଙ୍କୁ ଘାରିଥିଲା। ଅପରପକ୍ଷରେ ପେଟ୍ରୋଲ ଦର ହୁ ହୁ ହୋଇ ବଢିବା ଯୋଗୁ ବି ସେ ସ୍କୁଟର ଚଲାଇବା ସମ୍ପୂର୍ଣ୍ଣ ବନ୍ଦ କରିଦେଲେ। ଦୀର୍ଘ ୧୬ ବର୍ଷ ହେବ ସେ ସାଇକେଲକୁ ସାଥୀ କରିଛନ୍ତି। ସେ ଜଣେ ସାହିତ୍ୟିକ ବି। ଭଦ୍ରକ ବ୍ଲକ ତଥା ଆଖପାଖ ବ୍ଲକରେ କେଉଁଠି ସାହିତ୍ୟ ଚର୍ଚ୍ଚା ହେଉ ଅବା କବିତା ପାଠୋତ୍ସବରେ ଦିବ୍ୟସିଂହଙ୍କୁ ଅତିଥି ଭାବେ ଡକରା ହେଲେ ସେ ସାଇକେଲ ଯୋଗେ ସେଠାକୁ ଯାଆନ୍ତି। ଦୋକାନ, ବଜାର ଯେଉଁଠି କି ଗଲେ ବି ସେ ସାଇକେଲକୁ ଲୋଡନ୍ତି। ତାଙ୍କ ମତରେ ଅନ୍ତତଃ ସପ୍ତାହରେ ଦୁଇ ଦିନ ସାଇକେଲ ଚଲାଇବା ଭଲ।

**ଆଖପାଖ ସ୍ଥାନ ପାଇଁ ବାଛି ନେଇଛି ସାଇକେଲକୁ:** ରଜତ କୁମାର ରାଉତ, ଜଣେ ବରିଷ୍ଠ ଓକିଲ। ଘର ଯାଜପୁର ରୋଡ, କୋପଣ୍ଡରେ। ଦୀର୍ଘ ୧୦ ବର୍ଷ ହେବ ସେ ସାଇକେଲ ବ୍ୟବହାର କରୁଛନ୍ତି। ରଜତ କୁହନ୍ତି,'ଗାଡି ଥିବା ସତ୍ତ୍ୱେ ମୋତେ ଭଲ ଲାଗେ ସାଇକେଲ ଚଲାଇବାକୁ। ଘରଠୁ ଅଫିସ୍‌ର ଦୂରତା ପ୍ରାୟ ୨ କି.ମି. ଓ କୋର୍ଟ ୬ କି.ମି.। ତଥାପି ମୁଁ କୋର୍ଟ ଓ ଅଫିସ୍ ଉଭୟକୁ ସାଇକେଲ ନେଇ ହିଁ ଯାଏ। ଏବେ ଖରାଦିନ ପାଇଁ ସକାଳୁଆ କୋର୍ଟ ହେବା ଯୋଗୁ ଶୀଘ୍ର ପହଞ୍ଚିବା ଲାଗି ବେଳେବେଳେ ଗାଡି ନେଇ ଯାଉଛି। ଖରାଦିନ ପରେ ପୁଣିଥରେ ଆଗଭଳି ସାଇକେଲରେ ହିଁ କୋର୍ଟ ସାଇକେଲରେ ଯିବି। ଏହାଛଡା ଦୋକାନବଜାରକୁ ବି ମୁଁ ସାଇକେଲରେ ଯାଏ। କାରଣ ଗହଳିରେ ସାଇକେଲ ରଖି କିଣାକିଣି କରିବା ସହଜ ହୋଇଥାଏ। ଶରୀରକୁ ସୁସ୍ଥ ଓ ତାଜା ରଖିବା ପାଇଁ ସାଇକେଲ ଏକ ଭଲ ମାଧ୍ୟମ ବୋଲି ମୁଁ ଭାବେ। ତା'ଛଡା ଏହା ପରିବେଶ ପାଇଁ ବି ଖୁବ୍ ଉତ୍ତମ। ତେଣୁ ସମସ୍ତେ ଏହାକୁ ବ୍ୟବହାର କରିବା ଉଚିତ।

ଯଦି ଜଣ ଜଣ କରି ସମସ୍ତେ ପୁଣିଥରେ ଦୁଇ ଚକିଆ ସାଥୀ ସାଇକେଲକୁ ଆପଣେଇ ନେବେ, ଦିନେ ପୁଣିଥରେ ପରିବେଶ ସବୁଜିମାର ହସ ହସିବ। ତାସହ ମଣିଷର ମନ ଓ ଶରୀର ବି ରହିବ ସୁସ୍ଥ ଓ ତାଜା।

–ଶିବାନୀ ମହାନ୍ତି

–ମୃତ୍ୟୁଞ୍ଜୟ ଶତପଥୀ, ନରେଶ ଚନ୍ଦ୍ର ପଟ୍ଟନାୟକ, ଭାସ୍କର ରାଉତରାୟ, ବିଭୁପ୍ରସାଦ ବେହେରା, ଶୁଭାଶିଷ ରାଉତ


ରଜତ କୁମାର ରାଉତ

# ନିର୍ବାଚନ

–ପ୍ରଜ୍ଞା ମହାନ୍ତି

ପଖାଳ ଗଣ୍ଡେ ଖାଇବାକୁ ଆମ୍ବ ଛେଚୁଥିଲା ବୀର ବୋଉ ବୁଢ଼ୀ। ତା’ ଘର ଆଗରେ ଆଜି କେତେ ଗାଡ଼ିମଟର ଯିବା ଆସିବା ସହ ଗହଳି ଚହଳି ଲାଗିରହିଛି। ସମସ୍ତେ ଆଗଭର ଆସ ଆମ ସାଙ୍ଗେ ଭୋଟ ଦେବାକୁ ଯିବ। ଏ ମୁଣ୍ଡଫଟା ଖରାରେ ତମେ ବୁଢ଼ୀ ଲୋକ ଚାଲି ଚାଲି ଯାଇପାରିବ ନାହିଁ। କିଏ ଥଣ୍ଡା ବୋତଲ ବଢ଼ାଇ ଦେଉଛି ତ କିଏ ପଇଡ଼ପାଣି। ମା, ମାଉସୀ, ଖୁଡି, ବଡ଼ମା ଡାକରେ ତା କାନ ଅତଡ଼ା ପଡ଼ିଲାଣି।

ଯୁଗେ ହେବ, ତାର ଗୋଟେ ନାମ ଥିଲା, ସେ ଭୁଲିଗଲାଣି। ଆଖପାଖ, ଗାଁ ଗଣ୍ଡା ସମସ୍ତେ ତାକୁ ବୀରବୋଉ ବୁଢ଼ୀ ଡ଼ାକନ୍ତି। ବାହା ବରଷ ବୀର ପେଟରେ ଥିଲା ତା ଗେରସ୍ତ କଲିକତା ଚଟକଳରେ କାମ କରିବାକୁ ଗଲା ଯେ ଗଲା ଆଉ ଫେରିଲାନି। କଥା ଉଡ଼ିଆସେ, ସେଠି ନୂଆ ଘର ସଂସାର କରି ରହିଲା। କିଏ କହିଲା ଗୁଣିଆ ହାବୁଡ଼ରେ ପଡ଼ି ଗଧ ହୋଇ ଖଟୁଛି। ସହଜେ ତାର ଚଟରା ସ୍ୱଭାବ ଥିଲା। ଓଲଟି ଶାଶୁ ତାକୁ ଖୁଣ୍ଟା ଦିଏ, ସ୍ୱାମୀକୁ ମଣେଇ ନିଜର କରିପାରିଲୁନି। ବେଳ ଅବେଳ ରେ ସଂପାକଟା ବି କରେ। ସେତେବେଳେ ବାପ ଉପରେ ରାଗ ହୁଏ ତାର। ଜୋଇଁ ନିର୍ବାଚନ ଠିକ୍‌ରେ କରିପାରିଲାନି। ଆଖିବୁଜି ଝିଅ ବୋଝ ଉଠାଇ ଦେଲା ଯେ ଗଢ଼ିବା ଆଗରୁ ତା ଘର ଭାଙ୍ଗିଗଲା। ସେଥିରେ କେଉଁ ପାରିଲା ବାପଟା ତାର ଲୋକଲଜ୍ଜାକୁ ଖାତିର ନ କରି ଝିଅକୁ ଘରକୁ ନେଇଯିବ? ଲୁହ ପୋଛି କାମରେ ମନ ଦିଏ ସେ। ତାକୁ ପଛେ ଯାହା କହୁ ନାତିକୁ ଭାରି ଭଲ ପାଏ ବୁଢ଼ୀ। ବୀରକୁ ଘଡ଼ିଏ ଅଲଗା କରେ ନା ନିଜଠୁ। ସେଥିପାଇଁ ବୋଧେ ହଇଜାରେ ନିଜେ ଗଲା, ଦୁଇ ଚାରିଟା ଝାଡ଼ାବାନ୍ତି ରେ ନାତିକୁ ବି ସାଙ୍ଗରେ ନେଇଗଲା। କେତେଥର ସେ ଆତ୍ମହତ୍ୟା କରିବାକୁ ବାହାରିଛି। କନିଅର ମଞ୍ଜି ବାଟିଛି, ହେଲେ ଖାଇ ପାରିନି, ଗାଁ ଚାହାଳିରେ ପାଠ ଦିଅକ୍ଷର ପଢ଼ିଥିଲା। ଭାଗବତ, ପୋଥି, ପୁରାଣ ପଢ଼ିପାରେ। ଆତ୍ମହତ୍ୟା ମହାପାପ ଜାଣି କିପରି ବା ସେ ଭୂଲ୍ କରିବ? ବାଡ଼ିରେ ପିଜୁଳି, ଅମୃତଭଣ୍ଡା, କଦଳୀଗଛ, ପନିପରିବା ଲଗାଏ, ବିକି ବାକି ଯାହା ପାଏ ଚଳେ ସିନା କାହା ପାଖରେ ହାତ ପତାଏନା। ନିଆଶ୍ରୀଙ୍କ ପାଇଁ ସରକାର କେତେ କ’ଣ ଯୋଜନା କରିଛନ୍ତି, ତାକୁ କିଛି ମିଳେନା। ସେ ବି କୋଉ ଅନାଇଛି? ଗଲା ଇଲେକଶନ୍ ବେଳେ ଜଣେ କହିଥିଲା, ତୋ ପାଇଁ ବିଧବା ଭତ୍ତା କରାଇଦେବି। ଜିଭ କାମୁଡ଼ି ପକାଇଲା ସେ। ତାକୁ ପଛେ ନ ପଚାରୁ, ବୀର ବାପା ଯେଉଁଠି ଥାଉ ବଞ୍ଚିକି ଥାଉ।

ଆଉ ଏ ନିର୍ବାଚନ ପ୍ରତିଶ୍ରୁତି, ଯେମିତି ଅଦିନ ମେଘ। ବିଜୁଳି ପରି ଆଖି ଝଲସାଏ, ହଟଚମଟ ଦେଖାଏ ଛାଡି ଗଲେ ପାଞ୍ଚବର୍ଷ। ବାହାରେ ନେତାଙ୍କ ନେତ ଖଣ୍ଡେ ହୁରି ପକାଇଛି। ଶିଳ ଧୋଇ ବାହାରକୁ ଆସିଲା ବୀର ବୋଉ ଅଣ୍ଟା ଧରୁଛି, ତାକୁ ଏବେ ସତୁରି ଛୁଇଁବ। ଲୋକ ଗହଳି ଭିତରୁ ଜଣେ ତା ପାଖକୁ ଲାଗି ଆସି କହିଲା, ମାଉସୀ ତମ ପାଇଁ ଗାଡ଼ି ନେଇ ଆସିଛି। ଆମ ସଙ୍ଗେ ଚାଲ, ଅମୁକ ଚିହ୍ନରେ ଭୋଟ ଦେଲେ ତମକୁ ଟଙ୍କା ମିଳିବ। ଭରଣ ପୋଷଣ ମିଳିବ।

ଆମ୍ବ ଚଟଣିରେ ଲଙ୍କା ବାଟି ହାତ ପୋଡୁଥିଲା, ବୁଢ଼ୀ ଚିଡିଗଲା। ହଇରେ ନିଲଠା, ଭୋଟ ବେଳେ ଭାଟ ସାଜିଛୁ। ତୁ ମୋ ପୁଅ ନା ଗେରସ୍ତ? ମତେ ଟଙ୍କା ଦେବୁ, ପୋଷିବୁ, ଭାତ ଦେବୁ, ଛାତ ଦେବୁ? ଠାକୁରେ ମତେ ହାତ ଗୋଡ଼ ଦେଇଛନ୍ତି ଖଟି ଖାଇବାକୁ। ଯା ପଳା ଏଠୁ। ଖରା ଟାଣ ଧରିବା ଆଗରୁ ମୁଁ ଭୋଟ ଦେଇ ଆସି ସାରିଲିଣି। ଆଙ୍ଗୁଠି ଦେଖାଇଲା ବୁଢ଼ୀ। ଗାରୁ ଗାରୁ ହୋଇ କହିଲା, ହଇରେ ନିର୍ବାଚନ ଭୁଲ୍ ହୋଇଗଲେ ନିର୍ବାଚିତ ବ୍ୟକ୍ତି ଅଯୋଗ୍ୟ ସାବ୍ୟସ୍ତ ହେଲେ ପରିବାର ଟିଏ ଚଳୁନି ଭାଙ୍ଗି ଯାଉଛି। ଟଙ୍କା ଲୋଭରେ ଭାବିଚନ୍ତି ଭୋଟ ନ ଦେଲେ ରାଇଜ କେମିତି ଚଳିବ କିରେ? ଝାଳ ପୋଛି ପକାଇଲା ଲୋକଟା।

ଉପସ୍ଥିତ ଲୋକେ ହୋ ହୋ ହୋଇ ହସୁଥିଲେ। ଗୋଟେ ବଗୁଲିଆ ଟୋକା ବୁଢ଼ୀ କାନ ପାଖରେ ବଡ଼ ପାଟିରେ ପଚାରିଲା, ବୁଢ଼ିମା କୋଉ ଚିହ୍ନରେ ଭୋଟ ଦେଲ? ବୁଢ଼ୀ ଓଠରେ ରହସ୍ୟମୟ ହସଟିଏ ଖେଳିଗଲା। ବଗୁଲିଆ ଟୋକାଏ ଚାହିଁ ରହିଥିଲେ ବୁଢ଼ୀ ମୁହଁକୁ।

–ମାତୃ ନିବାସ, ମାତୃ ବିହାର, ଦାନିପାଲି, ବୁଢାରାଜା, ସମ୍ବଲପୁର





## ପାଗଳାଟା କି !

–ଶ୍ରୀବାସ କୁମାର ନାୟକ

ତମେ ଦେଇଥିବା
ଏଇ ଗୋଲାପକୁ ଦେଖିଲେ
ମୁଁ ହଜିଯାଏ ତୁମ ଭିତରେ

ଏ ଦୁନିଆ ମୋତେ
ପ୍ରେମିକଟେ କହୁଥିବାବେଳେ
ତୁମେ କିନ୍ତୁ କୁହ
ମୋ ପାଗଳାଟାକି....

–ଆଇଆଇଏମସି, ଢେଙ୍କାନାଳ

## ସୁଲଗ୍ନା

–ନୀଳକଣ୍ଠ ସାହୁ

ତମେ ଏବେ କୋଉଠି ସୁଲଗ୍ନା ?
କାଠଯୋଡ଼ି ପଠାରୁ କଶ୍ମୀର ଘାଟି ଯାଏଁ
ସବୁଠି ତ ବାରୁଦର ଗନ୍ଧ
ଉଷୁମ ରକ୍ତର ପ୍ରବାହ

ଦୂର ଦିଗ୍‌ବଳୟ ତଳେ
ଯେଉଁଠି ଆକାଶ ଦିନେ ଖସି ଆସୁଥିଲା
ମାଟିର ଆକର୍ଷଣରେ
ସେଠି ତ ଏବେ
ସୀମାନ୍ତ ପ୍ରହରୀମାନେ
ଭାଗ ବାଣ୍ଟୁଛନ୍ତି ମାଟି
ସରହଦର ତରାଜୁରେ

ଏଇ ଯେଉଁ ବିସ୍ତୀର୍ଣ୍ଣ ଭୂଇଁ
ଗୋହିରିମାଳ
ଯେଉଁଠି ଆମେ ଦିନେ ଦଉଡୁଥିଲେ
କଙ୍କିଟିଏ ପାଇଁ ଦିପହର ସାରା
ସେଠି ତ ଏବେ ଶୁଭୁଛି
ଆତଙ୍କବାଦର ହେଣ୍ଟାଳ।
ସାତସପନ ହେଇଯାଇଛି
ଆପଣାପଣର ନିନାଦ।

ସୁଲଗ୍ନା,
ଏତେ ଶୀଘ୍ର କେମିତି ବଦଳିଗଲା
ମାଟି, ପାଣି, ପବନର ସମ୍ପର୍କ ?
କିଏ ତମକୁ ପର କଲା ?
ନା ଜାଣିଶୁଣି ତମେ ପର ହେଇଗଲ
କାଳେ ଅଣନିଃଶ୍ୱାସୀ ହେଇଯିବ ବୋଲି।

–ବଦ୍ରିରାଜ ନଗର, ପ୍ରଥମ ଗଳି, ବ୍ରହ୍ମପୁର

# କ୍ୟାରିୟର ନା ବାହାଘର


ଆଲିୟା

ରଣବୀର-ଆଲିୟା ଯୋଡ଼ିକୁ ନେଇ ଏବେ ସବୁଠି ଚର୍ଚ୍ଚା। ପବ୍ଲିକ୍ ପ୍ଲେସ୍ ହେଉ କି ଆୱାର୍ଡ ଫଙ୍କଶନ, ଦୁହେଁ ଦୁହିଙ୍କୁ କେତେ ଭଲପାଉଛନ୍ତି ତାହା ଦେଖିଲେ ଜଣାପଡ଼ିଯାଉଛି। ନିକଟରେ 'କଲଙ୍କ'ର ପ୍ରମୋ ସମୟରେ ଏମିତି ଏକ ଘଟଣା ଘଟିଥିଲା, ଯେଉଁଥିରେ ଆଲିୟା ପୂରା ଲାଜେଇ ଯାଇଥିଲେ। ଏହି ସମୟରେ ସେଠାରେ ଉକ୍ତ ଫିଲ୍ମର ନାୟିକା ଆଲିୟା, ନାୟକ ବରୁଣ ଧାୱନ, ସୋନାକ୍ଷୀ ସିହ୍ନା, ଆଦିତ୍ୟ ରୟ କପୁର ଉପସ୍ଥିତ ଥାଆନ୍ତି। କଥା କ'ଣ କି, କୋ-ଆର୍ଟିଷ୍ଟଙ୍କ ସହ ବରୁଣ ଟିକେ ମଜା କରିଥାଆନ୍ତି। ସେ କ'ଣ କଲେ ନା, ଆଲିୟାଙ୍କ ଖୋସାକୁ ଟିକେ ଟାଣିଦେଲେ। ଏହା ଦେଖି ଆଲିୟାଙ୍କ ପାଟିରୁ ବାହାରି ପଡ଼ିଲା ଓଃ ରଣ..(ରଣବୀର), ଡୋଣ୍ଟ ଡୁ'। ଯେତେବେଳେ ଆଲିୟା ରଣ.. କହି ଅଟକିଗଲେ ସେତେବେଳେ ସେଠାରେ ଉପସ୍ଥିତ ସମସ୍ତେ ହସି ଉଠିଥିଲେ। ତାହା ଦେଖି ଆଲିୟାଙ୍କୁ ଏତେ ଲାଜ ଲାଗିଥିଲା ଯେ ସେ ଦୁଇ ହାତରେ ନିଜ ମୁହଁକୁ ଘୋଡ଼ାଇ ଦେଇଥିଲେ। ପ୍ରକୃତରେ ରଣବୀର କପୁରଙ୍କ ପ୍ରେମରେ ଆଲିୟା ଏମିତି ପାଗଳ ଯେ ରଣବୀର ଛଡ଼ା ତାଙ୍କର ଆଉ କାହା ନାଁ ମନେପଡୁନି। ଆଲିୟା ସିନା ରଣବୀରଙ୍କ ପ୍ରେମରେ ପାଗଳ କିନ୍ତୁ ଏବେ ତାଙ୍କ ପାଖରେ ବାହା ହେବାକୁ ସମୟ ନାହିଁ। ସଲ୍‌ମାନ ଖାଁଙ୍କ ସହିତ 'ଇନଶାଆଲ୍ଲା, ଅଜୟ ଦେବଗନଙ୍କ ସହିତ 'ଆର୍‌ଆର୍‌ଆର୍' ଏବଂ ବାପା ମହେଶ ଭଟ୍ଟଙ୍କ 'ସଡକ-୨' ଫିଲ୍ମ ଏବେ ତାଙ୍କ ହାତରେ ଅଛି। ଆଗରୁ ତାଙ୍କ ବାପା-ମା' ଦୁହିଁଙ୍କ ବାହାଘରକୁ ନେଇ ମୁହଁ ଖୋଲୁଥିବା ବେଳେ ଏବେ ସେମାନେ ଆଲିୟାଙ୍କ କ୍ୟାରିୟରକୁ ନେଇ ଚୁପ୍ ଅଛନ୍ତି। ସବୁକିଛି ଆଲିୟାଙ୍କ ଉପରେ ଛାଡିଦେଇଛନ୍ତି।

# ଆଶାରେ କ୍ରିଷ୍ଣା


କ୍ରିଷ୍ଣା-ସୂର୍ଯ୍ୟମୟୀ

ଏକ ସତ ଘଟଣାକୁ ଆଧାର କରି ନିର୍ମିତ ହୋଇଛି ଓଡ଼ିଆ ସିନେମା 'କ୍ରିଷ୍ଣା : ଷ୍ଟୋରି ଅଫ ଏ ଡ୍ୟାନ୍ସର'। କାହାଣୀ ଅନୁସାରେ ନାୟକ କ୍ରିଷ୍ଣା ଜଣେ ଗରିବ ଘର ପିଲା। ଛୋଟ ବେଳୁ ଡ୍ୟାନ୍ସ ପ୍ରତି ପ୍ରବଳ ଆଗ୍ରହ। ହେଲେ ତାହାର ଏପରି ଆଶାକୁ କେହି ଗୁରୁତ୍ୱ ଦିଅନ୍ତି ନାହିଁ। ଶେଷରେ ଗାଁ ଛାଡି ସେ ହୁଏ ସହରମୁହାଁ। ସେଠାରେ ଉତ୍‌ଥାନ ପତନ ସତ୍ତ୍ୱେ ସେ ନିଜ ଲକ୍ଷ୍ୟ ପଥରେ ପହଞ୍ଚିବାରେ ସକ୍ଷମ ହୁଏ। ଅଖ୍ୟାତ ପଲ୍ଲୀରୁ ଆସିଥିବା କ୍ରିଷ୍ଣା ଜଣେ ନାମୀ ଡ୍ୟାନ୍ସର ଭାବରେ କେବଳ ଓଡ଼ିଶା ନୁହେଁ, ଜାତୀୟ ସ୍ତରରେ ମଧ୍ୟ ପରିଚିତ ହୁଏ। ନିଜ ସଂଘର୍ଷମୟ ଜୀବନୀକୁ ନେଇ କ୍ରିଷ୍ଣା ରେଞ୍ଜୀ ଏହାର କାହାଣୀ, ଚିତ୍ରନାଟ୍ୟ ରଚନା ସହ ନିର୍ଦ୍ଦେଶନା ଦାୟିତ୍ୱ ମଧ୍ୟ ସମ୍ଭାଳିଛନ୍ତି। କେବଳ ସେତିକି ନୁହେଁ, ଫିଲ୍ମର ଟାଇଟଲ ଭୂମିକାରେ ମଧ୍ୟ ଅଭିନୟ କରିଛନ୍ତି ସେ। ପ୍ରିନ୍ସ ପ୍ରଡକ୍ସନ ପିକ୍ଚର୍ସ ବ୍ୟାନରରେ ପ୍ରସ୍ତୁତ ଏହି ଚଳଚ୍ଚିତ୍ରର ଟେକ୍ନିକାଲ ନିର୍ଦ୍ଦେଶନା ଦେଇଛନ୍ତି ଅଶ୍ୱିନୀ ଗଡନାୟକ। ଏଥିରେ କ୍ରିଷ୍ଣାଙ୍କ ଅପୋଜିଟ୍‌ରେ ଅଛନ୍ତି ସୂର୍ଯ୍ୟମୟୀ।

# ରକୁଲ୍‌ଙ୍କ ଓଜନ ମିଶନ

ସତରେ,ଗୋଟିଏ କଥା କହିବା ଏବଂ ତାହାକୁ କାମରେ ପରିଣତ କରିବା ସହଜ କଥା ନୁହେଁ। ହାତରେ ଅଳ୍ପ ଦିନ, ପୁଣି ତା' ଭିତରେ ୧୦ କିଗ୍ରା ଓଜନ କମାଇବାକୁ ପଡିବ। ଏକଥା ଶୁଣିବା ପରେ ସତେ ଯେମିତି ରକୁଲ୍ ପ୍ରୀତ୍ ସିଂଙ୍କର ହୋସ୍ ଉଡିଯାଇଥିଲା। ହେଲେ ମାତ୍ର ୨୫ଦିନ ମଧ୍ୟରେ ସେ ନିଜର ଏହି ଓଜନ ମିଶନକୁ ଶେଷ ରୂପ ଦେଇଥିଲେ। ଏ ସମ୍ପର୍କରେ ସୂଚନା ଦେଇ ସେ କହନ୍ତି, ''ଅଜୟ ଦେବଗନ ଏବଂ ତବୁଙ୍କ ଅଭିନୀତ 'ଦେ ଦେ ପ୍ୟାର୍ ଦେ'ର ସେକେଣ୍ଡ ଲିଡ୍‌ରେ ମୁଁ ଅଭିନୟ କରୁଛି। କାହାଣୀ ଅନୁସାରେ ଅଳ୍ପଦିନ ଭିତରେ ୧୦ କିଗ୍ରା ଓଜନ କମାଇବାକୁ ନିର୍ଦ୍ଦେଶକ ମୋତେ ଯେତେବେଳେ କହିଲେ ସେତେବେଳେ ମୁଁ ଅଡୁଆରେ ପଡିଯାଇଥିଲି। ଏଥିପାଇଁ ମୋତେ ଡାଏଟିଂ କରିବାକୁ ପଡିଥିଲା, ତା'ସହ ଦିନକୁ ଅତିକମ୍‌ରେ ୪ ଘଣ୍ଟା ଏକ୍ସରସାଇଜ କରିଥିଲି। ମୋତେ ଏହି ୧୦ କିଗ୍ରା ଓଜନ କମାଇବାକୁ ୨୫ ଦିନ ଲାଗିଥିଲା।'' ଫିଲ୍ମଟି ଏକ ରୋମାଣ୍ଟିକ-କମେଡି କାହାଣୀ ଉପରେ ପର୍ଯ୍ୟବସିତ। ଜଣେ ୫୦ବର୍ଷ ବୟସ୍କ ବ୍ୟକ୍ତି ହଠାତ୍ ଜଣେ ତରୁଣୀ ପ୍ରେମରେ ପଡିଯାଉଛି। ହେଲେ ତା' ଭିତରେ ସେ ଯେତେବେଳେ ନିଜ ପୂର୍ବ ପତ୍ନୀଙ୍କୁ ଦେଖୁଛି ଘଟଣା କି ମୋଡ ନେଉଛି ତାହା ଫିଲ୍ମରେ ଦେଖିବାକୁ ମିଳିବ। 'ଦେ ଦେ ପ୍ୟାର୍ ଦେ'ର ପ୍ରଯୋଜନା କରିଛନ୍ତି ଲୁଭ୍ ରଞ୍ଜନ ଏବଂ ନିର୍ଦ୍ଦେଶନା ଦେଇଛନ୍ତି ଆକିଭ୍ ଅଲ୍ଲୀ। ଏହି ସିନେମାଟି ଆସନ୍ତା ମାସରେ ରିଲିଜ ହେବାକୁ ଯାଉଛି।



# ପ୍ରଥମେ ନା, ତା'ପରେ ହଁ

କଥାରେ ଅଛି ଆରେ ଢାମଣା ବୁଲି ବୁଲି ପୁଣି ସେଇ ଅଗଣା। ଦେଖୁନାହାନ୍ତି, ଡବଲ ରୋଲ୍ ପରି ଚାନ୍ସକୁ ଜାହ୍ନବୀ ପ୍ରଥମେ ହାତଛଡା କରିଥିଲେ। ହେଲେ ପ୍ରଯୋଜକ କୋଉ ଛାଡିବାର। ସେ ମଧ୍ୟ ଅପେକ୍ଷା କରିବାକୁ ପ୍ରସ୍ତୁତ ଥିଲେ। ବାସ୍ କିଛି ସପ୍ତାହ ପରେ ସେ ନିଜ ପଟରୁ ଏ ନେଇ ଗ୍ରୀନ୍ ସିଗନାଲ ଦେଖାଇଛନ୍ତି। ଫିଲ୍ମଟି ହେଲା ' ରୁ-ଅଫଜା'। କ୍ୟାରିୟର ଆରମ୍ଭରୁ ଡବଲ ରୋଲ୍‌ରେ ଅଭିନୟ କରିବା ଏକ ରିସ୍କ ବୋଲି ବୋନି କପୁର ଏବଂ ଜାହ୍ନବୀଙ୍କ କେତେ ଜଣ ସାଙ୍ଗ ମତ ଦେବା ପରେ ଘଟଣାଟି ଆହୁରି ଗୋଳିଆ ଘଣ୍ଟା ହୋଇଯାଇଥିଲା। ଶେଷରେ ପାପା ବୋନିଙ୍କୁ ବୁଝାଇବାରେ ସକ୍ଷମ ହୋଇଥିଲେ ଜାହ୍ନବୀ। 'ମୁଁ ଜାଣିଛି ଡବଲ ରୋଲ୍ ମୋ ପାଇଁ ଚ୍ୟାଲେଞ୍ଜ। କାରଣ ଏ ପର୍ଯ୍ୟନ୍ତ ମୁଁ ମାତ୍ର ଗୋଟିଏ ସିନେମା 'ଧଡକ୍'ରେ ହିଁ ଅଭିନୟ କରିଛି। ଏଥିପାଇଁ ଅଭିଜ୍ଞତାର ଆବଶ୍ୟକତା ରହିଛି। ହେଲେ ମୋର ନିଜ ଉପରେ ଯଥେଷ୍ଟ ଭରସା ରହିଛି ଏବଂ ଏପରି ଗୁରୁ ଦାୟିତ୍ୱ ମୁଁ ତୁଲାଇ ପାରିବି ଆଶା ରଖିଛି ବୋଲି କହିଛନ୍ତି ସେ।


ଜାହ୍ନବୀ

# ଟାଇଗରଙ୍କ ନୂଆ ଯୋଜନା

ଷ୍ଟାର କିଡ୍ ଟାଇଗର ଶ୍ରଫ ଏକ ନୂଆ ଯୋଜନାରେ ବ୍ୟସ୍ତ ଅଛନ୍ତି। ଷ୍ଟାୟା ଭିତରେ ବେଶ୍ କେତୋଟି ହିଟ୍ ସିନେମାରେ ଅଭିନୟ କରି ସେ ଦର୍ଶକଙ୍କ ମନ ଜିଣିବାରେ ସକ୍ଷମ ହୋଇଛନ୍ତି। ଆସନ୍ତା ମାସ ୧୦ରେ ତାଙ୍କ ଅଭିନୀତ 'ଷ୍ଟୁଡେଣ୍ଟ ଅଫ ଦ ଇୟର-୨' ରିଲିଜ ହେଉଛି। ବାସ୍, ତା'ପରେ ସେ ନିଜ ନୂଆ ଯୋଜନା ପାଇଁ ଆହୁରି ସମୟ ଦେବେ ବୋଲି କହିଛନ୍ତି। କଥା କ'ଣ କି ହୋମ୍ ବ୍ୟାନରରେ ସେ ଏକ ଆକ୍ସନଭିତ୍ତିକ ଫିଲ୍ମଟିଏ ନିର୍ମାଣ କରିବାକୁ ଯୋଜନା କରୁଛନ୍ତି। ଖାସ୍ କଥା ହେଲା, ଏହାର କାହାଣୀ ଚୟନ ଦାୟିତ୍ୱ ନିଜେ ନେଇଛନ୍ତି। ଏ ବିଷୟରେ ଟାଇଗର କହନ୍ତି, 'ଯେହେତୁ ନିଜେ କାହାଣୀ ଫାଇନାଲ କରୁଛି ତେଣୁ ସେଥିପାଇଁ ସମୟ ଦେବାକୁ ପଡୁଛି। ଅବଶ୍ୟ ଏନେଇ ପାପା ଜ୍ୟାକିଙ୍କ ସହ ଆଲୋଚନା କରୁଛି। ଏହାର ମୁଖ୍ୟ ଭୂମିକାରେ ମୁଁ ଅଭିନୟ କରିବି ଏବଂ ନାୟିକା ଭାବରେ ଜଣେ ନବାଗତାଙ୍କୁ ବ୍ରେକ୍ ଦେବାର ଯୋଜନା ରହିଛି। ଟାଇଗର ଅଭିନୟ କରିଥିବା 'ଷ୍ଟୁଡେଣ୍ଟ ଅଫ ଦ ଇୟର-୨'ରେ ଚଙ୍କି ପାଣ୍ଡେଙ୍କ ଝିଅ ଅନନ୍ୟା ବଲିଉଡ୍‌ରେ ଏଣ୍ଟ୍ରି କରୁଛନ୍ତି। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ପୁନୀତ ମାଲହୋତ୍ରା।


ଟାଇଗର

ପ୍ରଥମ ରୋଜଗାର



ପାଲା ଗାୟକ **ଅତିଥି ଚରଣ ସାହୁ** (ଗାୟକ କଳ୍ପତରୁ) ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

## ପ୍ରଥମ ରୋଜଗାର ଟଙ୍କା ବାପାଙ୍କୁ ଦେଇଥିଲି

ପୁରୀ ଜିଲା ନିମାପଡ଼ା ବ୍ଲକ ଅନ୍ତର୍ଗତ ତୋରିହଁବନ୍ଧ ଗାଁର ରାବଣା ସାହିରେ ମୋର ଜନ୍ମ। ବାପା ମା'ଙ୍କର ତିନୋଟି ସନ୍ତାନ ଭିତରେ ମୁଁ ଥିଲି ସବା ସାନ। ଅଭାବୀ ସଂସାର ଭିତରେ ଆମମାନଙ୍କୁ ପାଠ ପଢ଼ାଇବା ବାପାଙ୍କ ପକ୍ଷେ ଥିଲା ଅତ୍ୟନ୍ତ କଷ୍ଟକର, ଯେଉଁଥିପାଇଁ ମଣିଜଙ୍ଗ ପବିତ୍ର ଉଚ୍ଚ ବିଦ୍ୟାଳୟରେ ନବମ ପଢିଲା ପରେ ଆର୍ଥିକ ଅନଟନ ଯୋଗୁ ଆଉ ଆଗକୁ ପଢ଼ିପାରିଲି ନାହିଁ। ଏହାପରେ ଓଡ଼ିଶାର ଜଣେ ସୁନାମଧନ୍ୟ ପାଲା ଗାୟକ ଯୁଗଳ ଚରଣ ବଳଙ୍କ ସଂସ୍ପର୍ଶରେ ଆସିବାର ସୁଯୋଗ ପାଇଲି। ତାଙ୍କଠାରୁ କ୍ରମେ ରାମାୟଣ, ରାମଚରିତ ମାନସ, କୁମାର ସମ୍ଭବ ତଥା ବିଭିନ୍ନ ବିଷୟବସ୍ତୁ ସମ୍ପର୍କିତ ଶିକ୍ଷା ଗ୍ରହଣ କଲି। ଏପରି କି ତାଙ୍କ ପାଖରୁ ମୁଁ ହିନ୍ଦୀ ଭାଷା ପଢ଼ିବା ଓ ଲେଖିବା ମଧ୍ୟ ଶିଖିଲି। ମୋ ବାପା ଗୌରାଙ୍ଗ ସାହୁ ଯେହେତୁ ଜଣେ ଓଡିଶୀ ସଂକୀର୍ତ୍ତନ ଗାୟକ ଥିଲେ, ତେଣୁ ମୁଁ ବି ଏହି କଳା ପ୍ରତି ଅଧିକରୁ ଅଧିକ ଆକୃଷ୍ଟ ହେଲି। ଧୀରେ ଧୀରେ ନିଜେ ପାଲା ପରିବେଷଣ କରିବାକୁ ଅଣ୍ଟା ଭିଡିଲି। ୧୯୬୫ ମସିହାର କଥା, ମୋତେ ସେତେବେଳେ ମାତ୍ର ୧୯ ବର୍ଷ ବୟସ ହେବ। ଏହି ସମୟରେ ପ୍ରଥମ ଥର ପାଇଁ ମଣିଜଙ୍ଗ ଗଡ଼ରେ ପାଲା ପରିବେଷଣ କରିବାର ସୁଯୋଗ ମିଳିଲା। ମୁଁ ଗାୟକ ଆଉ ମୋ ସାଙ୍ଗରେ ଥିଲେ ଜଣେ ବାୟକ ଏବଂ ୪ ଜଣ ପାଳିଆ। ସେଠାରେ ପାଲା ପରିବେଷଣ କରିବା ପରେ ଆମକୁ ୧୮୦ ଟଙ୍କା ପାରିଶ୍ରମିକ ମିଳିଥିଲା। ସେହି ୧୮୦ ଟଙ୍କାକୁ ଆମ ଛଅ ଜଣଙ୍କ ଭିତରେ ବାଣ୍ଟି ଦେବାରୁ ଗାୟକ ଅର୍ଥାତ୍ ମୋ ଭାଗରେ ପଡିଲା ୪୫ ଟଙ୍କା। ସେହି ୪୫ ଟଙ୍କା ହିଁ ଥିଲା ମୋ ଜୀବନର ପ୍ରଥମ ରୋଜଗାର, ଯାହାକୁ ମୁଁ ମୋ ବାପାଙ୍କ ହାତରେ ଦେଇଥିଲି। ୟା'ଭିତରେ ଅନେକ ବର୍ଷ ବିତିଗଲାଣି। ତଥାପି ମୁଁ ସେମିତି ପାଲା ପରିବେଷଣ କରିଚାଲିଛି। ଖାସ୍ କରି ବିଲ୍ୱମଙ୍ଗଳ, ଚନ୍ଦ୍ରକଳା, କୁମାର ସମ୍ଭବ କାବ୍ୟ, ନୈସଦ କାବ୍ୟ, ଜୟଦ୍ରଥ ବଧ, ରକ୍ତ ନଦୀ, ଭକ୍ତ ସୁଦାମା, ଗୋଧନ ହରଣ ଭଳି ପ୍ରାୟ ୩୫ଟି ବିଷୟବସ୍ତୁ ଉପରେ ପାଲା ପରିବେଷଣ କରିବାରେ ମୋର ଆଦର ରହିଛି। ଏପରି କି ଏକକାଳୀନ ୩୦ ରାତି ପର୍ଯ୍ୟନ୍ତ ପାଲା ପରିବେଷଣ କରିବାର ଦକ୍ଷତା ମୋ ପାଖେ ଅଛି ବୋଲି ଶ୍ରୀ ନୀଳାଚଳ ନିଖିଳୋତ୍କଳ ପାଲା ଗାୟକ ପରିଷଦ ତରଫରୁ ପ୍ରମାଣିତ ମଧ୍ୟ ହୋଇସାରିଛି। ଯେଉଁଥିପାଇଁ ଉକ୍ତ ପରିଷଦ ତରଫରୁ ପ୍ରକାଶ ପାଉଥିବା ପଞ୍ଜିକାରେ ମୋ ନାଁ ସାଙ୍ଗରେ ଗାୟକ କଳ୍ପତରୁ ବୋଲି ଲିପିବଦ୍ଧ କରାଯାଇଛି। ସେହିପରି ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଅନେକଥର ରଥଯାତ୍ରା, ଚନ୍ଦ୍ରଭାଗା ବୁଡ଼ ତଥା ଅନ୍ୟାନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ପାଲା ପରିବେଷଣ କରିବାର ଦାୟିତ୍ୱ ବି ମୋତେ ମିଳିଛି ଆଉ ମୁଁ ମଧ୍ୟ ତାହାକୁ ସୁଚାରୁରୂପେ ତୁଲାଇଛି। ଏହାଛଡ଼ା ନିମାପଡ଼ା ବାଦୀପାଲା, ଗୋପ ବାଦୀପାଲା, କୋଣାର୍କ ବାଦୀପାଲା, ଅସ୍ତରଙ୍ଗ ବାଦୀପାଲା, ନାଉଗାଁ ଭଣ୍ଡିସାହି ବାଦୀପାଲା, ଖୋର୍ଦ୍ଧା ଗଡ଼ ତାପଙ୍ଗ ବାଦୀପାଲା, ଭୁବନେଶ୍ୱର ବିଜେବି ନଗର ବାଦୀପାଲା ଏବଂ ବଲାଙ୍ଗୀରର ବେଲପଡ଼ାଠାରେ ତଥା ଓଡ଼ିଶାର ଅନ୍ୟାନ୍ୟ କେତେକ ସ୍ଥାନରେ ମଧ୍ୟ ପାଲା ପରିବେଷଣ କରି ଶ୍ରୋତାଙ୍କର ଭୂୟସି ପ୍ରଶଂସା ପାଇଛି। ଏପରି କି ପଦ୍ମଚରଣ ସାମନ୍ତସିଂହାର ସ୍ମୃତି ପରିଷଦ ତରଫରୁ ଶ୍ରେଷ୍ଠ ପାଲା କଳାକାର ଭାବେ ବି ମୋତେ ସମ୍ମାନିତ କରାଯାଇଛି, ଯାହା ମୋ ପାଇଁ ଅତି ଖୁସିର କଥା।

*–ସୁବାସ ଚନ୍ଦ୍ର ପ୍ରଧାନ*

# ଲାଜୁଆ ହସକୁ ଚୋରା ଚାହାଣି, ରଙ୍ଗିଲା ମନକୁ ନେଇଛି କିଣି

ସାଥୀ

**ପ୍ରଶ୍ନ–**ସେ ମୋତେ ଦେଖି ଲାଜେଇ ଯାଇଥିଲା। ଲାଜ ଲାଜ ହସରେ ସେ ଏମିତି ଚାହିଁଲା ଯେ ମୁଁ ସେଥିରେ ପାଗଳ ହୋଇଯାଇଥିଲି। ଏବେ ସେ ମୋତେ ଭଲ ପାଉଛି ବୋଲି ଜାଣିବି କେମିତି ?

*–ଅମର ଦାସ, ଢେଙ୍କାନାଳ*

**ଉତ୍ତର:** ଏତେ କଥା ଘଟିବା ପରେ ଆପଣ କେମିତି ଅପେକ୍ଷା କରିଛନ୍ତି କେଜାଣି ? ଧାଡ଼ି ଯେତେବେଳେ ଦେଖିଲେ ମାଡ଼ିଯିବା କଥା। ତା' ଲାଜୁଆ ହସରେ ଆପଣ ବନ୍ଦୀ ହୋଇଗଲେ, ଆପଣଙ୍କୁ ଲାଗିଲା ସତେଯେମିତି ଆପଣଙ୍କ ମନ ଆକାଶରେ ଉଡୁଛି। କାରଣ 'ଲାଜୁଆ ହସକୁ ଚୋରା ଚାହାଣି, ରଙ୍ଗିଲା ମନକୁ ନେଇଛି କିଣି।' ତେଣୁ ଡେରି ନ କରି ଆଗକୁ ଆଗାନ୍ତୁ। ଏମିତି ଯଦି ଭାବୁଥିବେ ତେବେ ସଡନ୍ ଷ୍ଟାର୍ଟ ହୋଇଥିବା ପ୍ରେମ ଦେଖୁ ଦେଖୁ ମଉଳିଯିବ।

**ପ୍ରଶ୍ନ–**ମୋ ପ୍ରେମିକାକୁ କିପରି ବନ୍ଦନା କରିବି ଜାଣିପାରୁନାହିଁ। ଉପାୟ ବତାଇବେ କି ?

*–ଡି.କେ, ପୁରୀ*

**ଉତ୍ତର:** ଆପଣଙ୍କ ପ୍ରଶ୍ନରୁ ଜଣାପଡୁଛି ନିଜ ପ୍ରେମିକାକୁ ବନ୍ଦନା କରିବାକୁ ଆପଣ ଅଥୟ ହୋଇପଡିଲେଣି। ଏଥିରେ କିଏ ଆପଣଙ୍କୁ ବାଧା ଦେଉଛି କି? ଏ ନେଇ ଯଦି ମାଇଣ୍ଡ ମେକ୍ଅପ କରିଛନ୍ତି, ତେବେ ବିଳମ୍ବ ନ କରି କାମ ଆରମ୍ଭ କରିଦିଅନ୍ତୁ। ହେଲେ ଗୋଟିଏ କଥା ମନେରଖିବେ ଅତି ଲେମ୍ବୁ ଚିପୁଡିଲେ ପିତା। ଠିକ୍ ସେହିପରି ଯଦି ପ୍ରେମିକା ବନ୍ଦନା ହେଭି ହୋଇଗଲା ତେବେ ପ୍ରେମିକା ଆପଣଙ୍କୁ ପ୍ରଶଂସା କରିବ କ'ଣ ଆପଣଙ୍କ ତେଲମରା ଧରାପଡିଯିବାର ଚାନ୍ସ ମଧ୍ୟ ରହିଛି। ତେଣୁ ଦେଖିଚାହିଁ ଏପରି ଗେମ୍ ଖେଳିବା ଦରକାର।



**ପ୍ରଶ୍ନ–**ସୁନ୍ଦରୀ ଝିଅଙ୍କୁ ପ୍ରେମ କରିବାକୁ ଅନେକେ କାହିଁକି ଆଗଭର ହୋଇଥାଆନ୍ତି ?


*–ପ୍ରଣୟ କୁମାର, ରାଉରକେଲା*

**ଉତ୍ତର:** ନିଜ ପ୍ରେମିକା ସୁନ୍ଦର ହେଉ ବୋଲି କିଏ ବା ନ ଚାହେଁ କହିଲେ ? ହେଲେ ସୁନ୍ଦରୀ ପ୍ରେମିକାଟିଏ ସମସ୍ତଙ୍କ ଭାଗ୍ୟରେ ମିଳି ନ ଥାଏ। ପ୍ରେମ ରୂପରୁ ନୁହେଁ ହୃଦୟରୁ ହିଁ ସୃଷ୍ଟି। ଗୋଟିଏ କଥା ମନେରଖିବେ, ପ୍ରେମ ପାଇଁ ଏକ ସଚ୍ଚା ତଥା ନିର୍ମଳ ମନଟିଏ ଦରକାର। ଆଉ ଆମେ ଯଦି ସମସ୍ତେ ସୁନ୍ଦରୀ ଝିଅଙ୍କୁ ହିଁ ପ୍ରେମ କରିବା ବୋଲି ଡିସିସନ ନେବା, ତାହା କେତେଦୂର ଯୁକ୍ତିଯୁକ୍ତ ପ୍ରଥମେ ଜାଣିବା ଦରକାର।


**ପ୍ରଶ୍ନ–**ମୁଁ ଥରେ ଜଣେ ସୁନ୍ଦରୀକୁ ଲଭ୍ ଲେଟର ଦେଇଥିଲି। ସେ ତାହାର ଉତ୍ତର ଦେଲା। ହେଲେ ତାକୁ ପଢ଼ି ମୋ ହୋସ୍ ଉଡ଼ିଗଲା। ସେ ସେଥିରେ ଲେଖିଥିଲା ଯେ, 'ନୋ ଭ୍ୟାକେନ୍ସି'। ଏମିତି କାହିଁକି ହେଲା ?

*–ସୁମନ ରାଉତ, ବ୍ରହ୍ମପୁର*

**ଉତ୍ତର:** ପ୍ରଥମ କଥା ହେଲା ଆପଣ ରଙ୍ଗ୍ ନମ୍ବର ଡାଏଲ କରିଛନ୍ତି। ତାକୁ ଲଭ୍ ଲେଟର ଦେବା ପୂର୍ବରୁ ସବୁକଥା ଭଲଭାବେ ପଢ଼ିନେବାର ଥିଲା। ଛାଡ଼ନ୍ତୁ, ଥରେ ସିନା ସକ୍ସେସ୍ ହୋଇପାରିଲେ ନାହିଁ, ହେଲେ ଦ୍ୱିତୀୟଥର ଟ୍ରାଏଲ ନେଲେ କ୍ଷତି କ'ଣ ? କିନ୍ତୁ ଏଥର ସେଣ୍ଟର ବଦଳାଇବାକୁ ଭୁଲିବେନି। ନ ହେଲେ ଏମିତି ପ୍ରେମ ନଈର ମଝିରେ ଆଉଟପାଉଟ ହେଉଥିବେ।




# ଦି ରେନ୍ କିଙ୍ଗ୍





ଜଣେ ମଣିଷ ଭିତରେ ଅହରହ ଆଧ୍ୟାତ୍ମିକ ଅନ୍ୱେଷଣ ଚାଲିଥାଏ । ସେ ଭିତରେ ଭିତରେ କାହାକୁ ନା କାହାକୁ ସାରା ଜୀବନ ଖୋଜି ହେଉଥାଏ । ମିଳେ କି ନ ମିଳେ ତାହା ଭିନ୍ନ କଥା ; ମାତ୍ର ଆଧ୍ୟାତ୍ମିକ ଉପଲବ୍ଧି ହିଁ ମଣିଷକୁ ଆତ୍ମସତ୍ତାର ସନ୍ଧାନ ଲାଗି ପ୍ରେରିତ କରେ । ବିଶ୍ୱ ସାହିତ୍ୟର ଏକ ପ୍ରସିଦ୍ଧ ପୁସ୍ତକ 'ହିଣ୍ଡରସନ୍- ଦି ରେନ୍ କିଙ୍ଗ୍'ର କାହାଣୀକୁ ବିଶ୍ଳେଷଣ କଲେ ଆପାତତଃ ତାହା ହିଁ ସ୍ପଷ୍ଟ ହୋଇଯାଏ । ପୁସ୍ତକର କାହାଣୀ ଠିକ୍ ଏହିପରି । ହିଣ୍ଡରସନ୍ ଜଣେ ଧନୀ ବିଳାସୀ ମଣିଷ । କୋଉଥିରେ ତାଙ୍କର ଅଭାବ ନାହିଁ । ତେବେ ଭିତରେ ଭିତରେ ଏକ ଅଭାବବୋଧ ତାଙ୍କୁ ସାରା ଜୀବନ ଖାଇଯାଏ । କେହି ଯେମିତି ତାଙ୍କ ଭିତରେ ଥାଇ କହୁଥାଏ ତଥାପି ସେ ଅଭାବଗ୍ରସ୍ତ । ତେବେ ହିଣ୍ଡରସନ୍ ବୁଝିପାରୁ ନ ଥାନ୍ତି ତାଙ୍କର ଅଭାବ କ'ଣ ? କେଉଁ ଅଭାବର କଥା ତାଙ୍କୁ ଶୁଣଉଛି ତାଙ୍କର ଅନ୍ତର୍ମନ । ଦିନେ ସେ ଆଫ୍ରିକା ଗସ୍ତରେ ବାହାରନ୍ତି । ଆଫ୍ରିକା ନିବାସୀ ରାମିଲାଓକୁ ତାଙ୍କର ଗାଇଡ୍ ଭାବରେ ନିଅନ୍ତି । ରାମିଲାଓ ହିଣ୍ଡରସନ୍‌ଙ୍କୁ ନେଇଯାଏ ଆର୍‌ନେଓ ନାମକ ଏକ ବହୁ ପୁରୁଣା ଗାଁକୁ । ସେହି ଗାଁରେ ପହଞ୍ଚିବା ପରେ ଅଦ୍ଭୁତ ଅନୁଭୂତି ସବୁ ହାସଲ ହୁଏ ତାଙ୍କର । ସେ ପ୍ରଥମେ ଦେଖନ୍ତି ଯେ, ଦଳେ ବେଙ୍ଗ ସେହି ଗାଁ ଉପରେ ଅତ୍ୟାଚାର କରିଚାଲିଛନ୍ତି । ଆରନେଓକୁ ଯେଉଁଠୁ ପାଣି ଆସେ ସେହି ସ୍ଥାନଟିକୁ ବେଙ୍ଗସବୁ ଅକ୍ତିଆର କରିନେଇ ତାହାକୁ ଅପରିଷ୍କାର କରି ଦେଉଛନ୍ତି । ସେ ବେଙ୍ଗ ସମୂହଙ୍କୁ ହତ୍ୟା କରନ୍ତି । ହେଲେ ଏଇଠି ଗୋଟେ ଭୁଲ୍ ହେଇଯାଏ । ବେଙ୍ଗ ମାରିବାକୁ ଯାଇ ପାଣି ଭଣ୍ଡାରଟିକୁ ମଧ୍ୟ ଧ୍ୱଂସ କରିଦିଅନ୍ତି । ଅନୁତାପ ଦଗ୍‌ଧ ହିଣ୍ଡରସନ୍ ପ୍ରାୟଶ୍ଚିତ କରିବାକୁ ଯାଇ ପହଞ୍ଚନ୍ତି ୱାରିରି ଗ୍ରାମରେ । ସେଠାରେ ଲୋକମାନେ ତାଙ୍କୁ ଦେଖି ବିଚିତ୍ର ଆଚରଣ କରନ୍ତି । ସତେଯେମିତି ହିଣ୍ଡରସନ୍ ହେଉଛନ୍ତି ତାଙ୍କ ଦେବତା । ହିଣ୍ଡରସନ୍ ବି ସେଠାରେ ଥିବା ପ୍ରକାଣ୍ଡକାୟ ମୁମାହ ଦେବୀଙ୍କ କାଠର ପ୍ରତିମାକୁ ଚୁଟ୍‌କିରେ ହଟେଇ ଦେଇ ସମସ୍ତଙ୍କୁ ବିସ୍ମିତ କରିଦିଅନ୍ତି । ୱାରିରିର ଲୋକମାନେ ତାଙ୍କୁ ସେମାନଙ୍କର ଦେବତା ବୋଲି ଗ୍ରହଣ କରିନିଅନ୍ତି । ତାଙ୍କୁ ରାଜା କରିବାର ନିଷ୍ପତ୍ତି ନିଅନ୍ତି । ଏଇଠି ଆଖିଖୋଲେ ହିଣ୍ଡରସନ୍‌ଙ୍କର । ତାଙ୍କର ତାଙ୍କ ଗ୍ରାମ କଥା ମନେପଡ଼େ । ଆଉ ସେ ପ୍ରଭାତ ହେବା ପୂର୍ବରୁ ଆମେରିକା ଫେରିଆସନ୍ତି ।

**ବିଲାଓ ଏବଂ ହିଣ୍ଡରସନ୍:** ଏଠାରେ ଯେଉଁ ହିଣ୍ଡରସନ୍‌ଙ୍କ କଥା କୁହାଯାଇଛି ତାହାର ସ୍ରଷ୍ଟା ହେଉଛନ୍ତି ବିଂଶ ଶତାବ୍ଦୀର ଅନ୍ୟତମ ଶ୍ରେଷ୍ଠ ଆମେରିକୀୟ ଲେଖକ ସାଓଲ ବିଲାଓ । କାନାଡ଼ାରେ ଜନ୍ମିତ ଏହି ଆମେରିକୀୟ ଲେଖକଙ୍କୁ ଜଣେ ଗଭୀର ଅନ୍ତର୍ଦୃଷ୍ଟିସମ୍ପନ୍ନ ଲେଖକ ବୋଲି କୁହାଯାଇଥାଏ । ତାଙ୍କ ରଚନାରେ ଆଞ୍ଚଳିକ କଳା, ସଂସ୍କୃତି, ପରମ୍ପରା ସହ ଗବେଷଣା ଲବ୍‌ଧ ଘଟଣାବଳୀ ବହୁ ଭାବରେ ଦେଖିବାକୁ ମିଳେ । ୧୯୭୬ ମସିହାରେ ତାଙ୍କୁ ମିଳିଥିଲା ନୋବେଲ ପୁରସ୍କାର । ପୁରସ୍କାର ପ୍ରଦାନ କରିବା ଅବସରରେ ସ୍ୱିଡିଶ୍ ଏକାଡେମୀ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଥିଲା ଯେ, ସେ ହେଉଛନ୍ତି ଏମିତି ଜଣେ ସ୍ରଷ୍ଟା, ଯିଏ ଅତି ସହଜରେ ପରମ୍ପରାର ସୂକ୍ଷ୍ମ ବିଶ୍ଳେଷଣ କରି ପାଠକମାନଙ୍କୁ ସତତ ବିସ୍ମିତ କରିଦେଇପାରନ୍ତି । ସେ ଜଣେ ଅତ୍ୟନ୍ତ ଦୂରଦର୍ଶୀ କଥାକାର ।

**ନ୍ୟାଶନାଲ ବୁକ୍ ଆୱାର୍ଡର ରେକର୍ଡ ବିଜେତା:** ସାଓଲ ବିଲାଓ ହେଉଛନ୍ତି ପ୍ରଥମ ଆମେରିକୀୟ ଲେଖକ, ଯିଏ ତିନିଥର ନ୍ୟାଶନାଲ ବୁକ୍ ଆୱାର୍ଡ ହାସଲ କରି ଏକ ରେକର୍ଡ ସୃଷ୍ଟି କରିଥିଲେ । ଏତଦ୍‌ବ୍ୟତୀତ ତାଙ୍କ ଖାତାକୁ ଆସିଥିଲା ପୁଲିଜର ଭଳି ବହୁ ସମ୍ମାନଜନକ ଜାତୀୟ ଓ ଅନ୍ତର୍ଜାତୀୟ ପୁରସ୍କାର । 'ହିଣ୍ଡରସନ୍ – ଦି ରେନ୍ କିଙ୍ଗ୍' ବ୍ୟତୀତ ତାଙ୍କର ଅନ୍ୟାନ୍ୟ ଚର୍ଚ୍ଚିତ ତଥା ଲୋକପ୍ରିୟ ପୁସ୍ତକଗୁଡ଼ିକ ମଧ୍ୟରେ ରହିଛି 'ଦି ଆଡ୍‌ଭେଞ୍ଚର୍ସ ଅଫ୍ ଅଗି ମାର୍ଚ୍ଚ, ଡ୍ୟାଙ୍ଗ୍‌ଲିଙ୍ଗ ମ୍ୟାନ୍, ମିଷ୍ଟର ସାମଲର୍ସ ପ୍ଲାନେଟ୍, ସେଇଜ୍ ଦ ଡେ, ହମ୍‌ବୋଲ୍ଟସ୍ ଗିଫ୍ଟ, ରାଭେଲଷ୍ଟେନ୍' ଏବଂ ଆହୁରି ଅନେକ । ୨୦୦୫ ମସିହା ଏପ୍ରିଲ ମାସରେ ସେ ଇହଧାମ ପରିତ୍ୟାଗ କରିଥିଲେ ।



## ପୁସ୍ତକ ସମୀକ୍ଷା




### ଶେଷଇଚ୍ଛା

ଗାଳ୍ପିକ: ରତ୍ନାକର ନାୟକ

ପ୍ରକାଶ ପାଇଛି ଗାଳ୍ପିକ ରତ୍ନାକର ନାୟକଙ୍କ ଗଳ୍ପ ସଂକଳନ 'ଶେଷଇଚ୍ଛା' । ଏହା ହେଉଛି ସଂକଳନଟିର ଦ୍ୱିତୀୟ ସଂସ୍କରଣ । ପ୍ରଥମ ସଂସ୍କରଣ ୨୦୦୧ରେ ପ୍ରକାଶିତ ହୋଇଥିବା ବେଳେ ଦ୍ୱିତୀୟ ସଂସ୍କରଣର ପ୍ରକାଶକାଳ ହେଉଛି ୨୦୧୮ । ପ୍ରଥମ ସଂସ୍କରଣଟିକୁ କଟକର 'ସ୍ପୁଟନିକ' ପ୍ରକାଶନୀ ସଂସ୍ଥା ପ୍ରକାଶ କରିଥିବା ବେଳେ ସମ୍ପ୍ରତି ଏହାର ପ୍ରକାଶକ ହେଉଛନ୍ତି 'ବନଫୁଲ' । ଏଥିରେ ରହିଛି ମୋଟ ୪୨ଟି ଗଳ୍ପ । ପ୍ରଥମ ଗଳ୍ପର ଶୀର୍ଷକ 'ନୀଡ଼' । ଗଳ୍ପଟି ବେଶ୍ ପ୍ରତୀକାତ୍ମକ ଭାବରେ ଚଢ଼େଇଟିଏକୁ ନେଇ ରଚିତ ହୋଇଥିଲେ ମଧ୍ୟ ଏଥିରେ ମାନବ ସମାଜ ପ୍ରତି ରହିଛି ଏକ ସାଂଘାତିକ ବାର୍ତ୍ତା । ଦେହରେ ପର ଲାଗିଗଲେ, ଉଡ଼ା ଶିଖିଗଲେ ଏ ଦୁନିଆରେ କିଏ କାହାର । ସଂକଳନସ୍ଥ ଅନ୍ୟାନ୍ୟ ଗଳ୍ପସବୁ ମଧ୍ୟ ବେଶ୍ ପଠନୀୟ ।

### ଅଙ୍କକଷା




କବି: ଡା. ରାଜେନ୍ଦ୍ର କୁମାର ବେହେରା

ମୋଟ୍ ପଇଁତାଳିଶଟି କବିତାକୁ ନେଇ ପ୍ରକାଶିତ ହୋଇଛି କବିତା ସଂକଳନ 'ଅଙ୍କକଷା' । ଗଞ୍ଜାମର କବିତା ଘର, ବ୍ରହ୍ମପୁର ଦ୍ୱାରା ପ୍ରକାଶିତ ଏହି ସଂକଳନର କବି ହେଉଛନ୍ତି ଡା. ରାଜେନ୍ଦ୍ର କୁମାର ବେହେରା । ପେସାରେ ଜଣେ ଡାକ୍ତର ହୋଇଥିଲେ ବି କବିଙ୍କ ଭିତରେ ରହିଛି ସମ୍ବେଦନଶୀଳ ହୃଦୟ । ସେ ନଷ୍ଟାଲଜିଆର ମଧୁର ଯନ୍ତ୍ରଣା ଭୋଗନ୍ତି, ପୁଣି କ୍ରମଶଃ ବଦଳି ବଦଳି ଯାଉଥିବା ସମୟର କଷାଘାତରେ ଆହତ ମଧ୍ୟ ହୁଅନ୍ତି । ସେଥିପାଇଁ ତ କବି ତାଙ୍କର ମୁଖବନ୍ଧରେ କହନ୍ତି : ସମସ୍ତଙ୍କ ଭିତରେ ଥାଇ ବି ମୁଁ ଏକୁଟିଆ ହୋଇଯାଏ ମୋ ଭିତରେ । ସଂକଳନସ୍ଥ ଏକ କବିତା 'ଆହ୍ୱାନ'ର ଗୋଟିଏ ପଙ୍‌କ୍ତି ଉଦ୍ଧାର କରାଯାଉ : ପୂଜା ପରର ମଉଳା ଫୁଲ ପରି/ଝାଉଁଳି ମୁଁ ପଡ଼ିଛି/କଢ଼ିର ଆଦର ଆଉ ଫୁଲର ଚମକ/ମୋ ଡେମ୍ଫରୁ, ପାଖୁଡ଼ାରୁ ହଜିଛି/ତଥାପି ମନକୁ ପାଷାଣ କରିଛି । କବିତାଗୁଡ଼ିକ ପାଠକୀୟତା ଦାବି କରନ୍ତି ।

### ସାମନ୍ତ ଚନ୍ଦ୍ରଶେଖର ପଞ୍ଜିକା

(୨୦୧୯-୨୦)




ସାମନ୍ତ ଚନ୍ଦ୍ରଶେଖର ସ୍ମୃତି ପରିଷଦ, ଭୁବନେଶ୍ୱର ଦ୍ୱାରା ପ୍ରକାଶ ପାଇଛି ବାର୍ଷିକ 'ସାମନ୍ତ ଚନ୍ଦ୍ରଶେଖର ପଞ୍ଜିକା' । ଏହାର ଗଣକବୃନ୍ଦ ଜ୍ୟୋତିର୍ବିଦ୍ୟା ବାଚସ୍ପତି ବୈକୁଣ୍ଠନାଥ ନାୟକ, ଜ୍ୟୋତିଷ ପ୍ରବୀଣ ଦୋଳଗୋବିନ୍ଦ ପଣ୍ଡା, ନାରାୟଣ ମଲ୍ଲିକ, ରଙ୍କନିଧି ଜେନା ଓ ଜ୍ୟୋତିଷାଚାର୍ଯ୍ୟ ସଞ୍ଜୟ ମହାରଣା । ଏହା ହେଲା ପତ୍ରିକାର ନବମ ବର୍ଷ । ଆଲୋଚ୍ୟ ପଞ୍ଜିକାର ଗଣନା ସାମନ୍ତ ଚନ୍ଦ୍ରଶେଖରଙ୍କ 'ସିଦ୍ଧାନ୍ତ ଦର୍ପଣ'ର ବୀଜ ସଂସ୍କୃତ ଅୟନାଂଶ ଆଧାରରେ ପ୍ରସ୍ତୁତ ହୋଇଥିବାରୁ ଆଧୁନିକ ଜ୍ୟୋତିର୍ବିଜ୍ଞାନ ସହ ସାମଞ୍ଜସ୍ୟ ରକ୍ଷା କରିପାରିଛି ଓ ଏହି କାରଣରୁ ଓଡ଼ିଶାର ଜନସାଧାରଣଙ୍କ ଦ୍ୱାରା ଆଦୃତି ଲାଭର ସୁ-ଅବକାଶ ରଖିଛି । ପଞ୍ଜିକାର ଅନ୍ୟତମ ବିଶେଷତ୍ୱ ହେଲା-ଏହାର ପ୍ରତ୍ୟେକ ପୃଷ୍ଠାରେ ଇଂରାଜୀ ତାରିଖ, ବାର ସହ ଶ୍ରୀମନ୍ଦିର ଓ ଅନ୍ୟତ୍ର ପାଳିତ ପର୍ବପର୍ବାଣି, ବିଶେଷ ଦିବସ, ଶୁଭବେଳା, ଗ୍ରହଶୁଦ୍ଧି, ପୁଷ୍କର ଦୋଷ, ଶ୍ରାଦ୍ଧ ତର୍ପଣ, ଶୁଭକର୍ମ ନିର୍ଘଣ୍ଟ, ଜାତକ ପ୍ରସ୍ତୁତି ପାଇଁ ଆବଶ୍ୟକ ସୂଚନା, ଗ୍ରହଚଳନ, ମାସ ଓ ରାଶିଫଳ ଆଦିର ଉଲ୍ଲେଖ ବୋଧଗମ୍ୟ ଭାଷାରେ କରାଯାଇଛି ।

ତୁଳସୀ ପ୍ରିୟଦର୍ଶିନୀ



ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

# ହାଃ ହାଃ

## ମୋଟି ହେଇଯିବି

ପିଜା ଶପ୍‌ରେ ଝିଅଟିଏ ପିଜା ଅର୍ଡର କରିଥାଏ।
ୱେଟର୍ ଆଣି- ମ୍ୟାଡାମ୍ ପିଜାକୁ ୮ ପିସ୍ କରିବି ନା ୪ ପିସ୍?
ଝିଅ-୪ ପିସ୍ କରିଦିଅ। ୮ ପିସ୍ ଖାଇଲେ ମୁଁ ମୋଟି ହେଇଯିବି।


## ପ୍ରଭାବ

ଯୋଗ ଗୁରୁ ମଦୁଆର ସ୍ତ୍ରୀକୁ- ଅନେକ ଦିନ ହେବ ଆପଣଙ୍କ ସ୍ୱାମୀ ମୋ ପାଖରେ ଯୋଗ କରୁଛନ୍ତି। ତାଙ୍କ ମଦ ପିଇବା ଅଭ୍ୟାସରେ କିଛି ପରିବର୍ତ୍ତନ ଆସିଥିବା ଅନୁଭବ କଲଣି?
ମଦୁଆର ସ୍ତ୍ରୀ- ହଁ। ସେ ଆଗଭଳି ଆଉ ସିଧା ବସିକି ମଦ ପିଉ ନାହାନ୍ତି। ଏବେ ମୁଣ୍ଡ ତଳକୁ କରି ଠିଆ ହୋଇ ମଦ ପିଉଛନ୍ତି।

## ନେଭି


ଗୋଟେ ପେଣ୍ଠି କୁକୁଡ଼ା ବତକ ସହ ବାହା ହୋଇଗଲା।
ଗଞ୍ଜା କୁକୁଡ଼ା- ଆମେ କ'ଣ ମରିଯାଇଥିଲୁ ଯେ, ତୁ ବତକ ସହ ବାହା ହେଲୁ?
ପେଣ୍ଠି କୁକୁଡ଼ା- ମୋର ବି ଇଚ୍ଛା ଥିଲା ତୁମ ସହ ବାହା ହେବାକୁ। ହେଲେ ମୋ ମା' ଚାହୁଁଥିଲେ ପୁଅ ନେଭିରେ ଥିବ।


# ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଟାଙ୍ଗ୍‌ଲାଙ୍ଗ





**ଅରୁଣାଚଳ ପ୍ରଦେଶର ଟାଙ୍ଗ୍‌ଲାଙ୍ଗ ଜିଲା ଅନ୍ତର୍ଗତ ଟାଙ୍ଗ୍‌ଲାଙ୍ଗ ହେଉଛି ଏପରି ଏକ ସହର, ଯାହାର ସଂସ୍କୃତି, ପରମ୍ପରା ତଥା ପ୍ରାକୃତିକ ପରିବେଶ ବେଶ୍ ମନଛୁଆଁ। ଖାସ୍ କରି ଏଠାରେ ଦେଖିବାକୁ ମିଳୁଥିବା ପାହାଡ଼, ପର୍ବତ ତଥା ସବୁଜ ବନାନୀ ପର୍ଯ୍ୟଟକଙ୍କୁ ଖୁବ୍ ଆକର୍ଷିତ କରିଥାଏ। ସେଇଥିପାଇଁ ପ୍ରକୃତିପ୍ରେମୀଙ୍କର ଏଠାରେ ବେଶ୍ ଭିଡ଼ ଜମେ।**





## କ'ଣ ଦେଖିବେ

ପ୍ରାୟ ୪,୬୬୨ ବର୍ଗ କି.ମି. ବ୍ୟାପ୍ତ ଟାଙ୍ଗ୍‌ଲାଙ୍ଗ ଜିଲାରେ ପର୍ଯ୍ୟଟକଙ୍କୁ ଆକର୍ଷିତ କଲାଭଳି ଅନେକ ପର୍ଯ୍ୟଟନସ୍ଥଳୀ ଦେଖିବାକୁ ମିଳିଥାଏ। ଖାସ୍ କରି ନମଦାଫା ଜାତୀୟ ଉଦ୍ୟାନ ଏଠାକାର ଏକ ଖାସ୍ ଦର୍ଶନୀୟ ସ୍ଥାନ।

**ନମଦାଫା ଜାତୀୟ ଉଦ୍ୟାନ:** ପ୍ରାୟ ୧୯୮୫ ବର୍ଗ କି.ମି. ବ୍ୟାପ୍ତ ଅଞ୍ଚଳ ଉପରେ ଗଢି ଉଠିଥିବା ନମଦାଫାକୁ ୧୯୭୨ ମସିହାରେ ପ୍ରଥମେ ବନ୍ୟପ୍ରାଣୀ ଅଭୟାରଣ୍ୟ ଭାବେ ଘୋଷଣା କରାଯାଇଥିଲା। ହେଲେ ୧୯୮୩ରେ ଏହାକୁ ଜାତୀୟ ଉଦ୍ୟାନର ମାନ୍ୟତା ମିଳିଲା। ଖାସ୍ କରି ବାଘମାନଙ୍କ ସୁରକ୍ଷା ଓ ଯତ୍ନ ପାଇଁ ଏହି ଜାତୀୟ ଉଦ୍ୟାନକୁ ସ୍ୱତନ୍ତ୍ର ସୁବିଧା ପ୍ରଦାନ କରାଯାଇଥିଲା। ଏବେ ଏଠାରେ ପର୍ଯ୍ୟଟକ ପ୍ରାୟ ହଜାରରୁ ଊର୍ଦ୍ଧ୍ୱ କିସମର ଗଛଲତା ଏବଂ ପ୍ରାୟ ଚଉଦ ଶହରୁ ଊର୍ଦ୍ଧ୍ୱ ପ୍ରଜାତିର ପ୍ରାଣୀଙ୍କୁ ଦେଖିବାର ସୁଯୋଗ ପାଇପାରିବେ।

**ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର ସମାଧିସ୍ଥଳ:** କୁହାଯାଏ, ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ମୃତ୍ୟୁ ବରଣ କରିଥିବା ସୈନିକମାନଙ୍କର ଏକ ସମାଧିସ୍ଥଳ ଟାଙ୍ଗ୍‌ଲାଙ୍ଗ ଜିଲାର ଜୟରାମପୁର ନାମକ ଏକ ସ୍ଥାନରେ ନିର୍ମାଣ କରାଯାଇଥିଲା। ସେଇ ପୁରୁଣା ଦିନର ସ୍ମୃତିକୁ ମନେପକାଇ ଦେବା ପାଇଁ ଏବେ ବି ଏହି ସମାଧିସ୍ଥଳ ଏଠାରେ ଥିବା ଦେଖିବାକୁ ମିଳେ।

**ବୋର୍ଡୁମ୍ସା:** ଏହା ଟାଙ୍ଗ୍‌ଲାଙ୍ଗ ଜିଲା ଅନ୍ତର୍ଗତ ଏକ ଅଞ୍ଚଳ, ଯେଉଁଠାରେ ମୁଖ୍ୟତଃ ସିଙ୍ଗଫୋ ଜନଜାତିର ଲୋକେ ବସବାସ କରିଥାନ୍ତି। ଏଠାକୁ ଗଲେ ସେମାନଙ୍କ ଜୀବନଶୈଳୀ ଓ ସଂସ୍କୃତି ସମ୍ପର୍କରେ ଅନେକ କଥା ଜାଣିବାକୁ ମିଳିଥାଏ।

ଏସବୁ ବ୍ୟତୀତ ଟାଙ୍ଗ୍‌ଲାଙ୍ଗର ପାହାଡ଼, ପର୍ବତ ତଥା ସବୁଜ ବନାନୀର ଅପରୂପ ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ଖୁବ୍ ଆକର୍ଷିତ କରିଥାଏ। ଖାସ୍ ସେଇଥିପାଇଁ ଏଠାରେ ଭିଡ଼ ପରିଲକ୍ଷିତ ହୋଇଥାଏ।

## କେବେ ଯିବେ


ଏଠାକୁ ଯିବା ପାଇଁ ବର୍ଷସାରା ସୁବିଧା ରହିଛି। ତେବେ ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ର ଅନୁଯାୟୀ, ଶୀତଦିନେ ଏଠାକାର ତାପମାତ୍ରା ପ୍ରାୟ ୧୨ରୁ ୨୮ ଡିଗ୍ରୀ ସେଲ୍‌ସିୟସ୍ ଭିତରେ ରହିଥାଏ। ସେହିପରି ଖରାଦିନେ ତାପମାତ୍ରା ଟିକେ ବଢିଥାଏ, କିନ୍ତୁ ବୁଲାବୁଲି କରିହୁଏ। ହେଲେ ବର୍ଷାଦିନେ ଏଠାରେ ପ୍ରବଳ ବର୍ଷା ହେଉଥିବାରୁ ବୁଲିବାରେ ଟିକେ ସମସ୍ୟା ଦେଖାଦେଇଥାଏ। ତେଣୁ ପର୍ଯ୍ୟଟକ ଚାହିଁଲେ ବର୍ଷାଦିନକୁ ଛାଡ଼ି ବାକି ଅନ୍ୟ ସମୟରେ ଟାଙ୍ଗ୍‌ଲାଙ୍ଗକୁ ପର୍ଯ୍ୟଟନରେ ଯାଇପାରିବେ।


## କେମିତି ଯିବେ

ଏଠାକୁ ଯିବା ପାଇଁ ଗମନାଗମନର ଭଲ ସୁବିଧା ରହିଛି। ଆସାମସ୍ଥିତ ଡିବ୍ରୁଗଡ଼ ଏୟାରପୋର୍ଟ ହେଉଛି ଏଠାକାର ନିକଟତମ ବିମାନବନ୍ଦର, ଯାହା ଟାଙ୍ଗ୍‌ଲାଙ୍ଗ ସହରଠାରୁ ପ୍ରାୟ ୧୮୨ କି.ମି. ଦୂରରେ ଅବସ୍ଥିତ। ଏୟାରପୋର୍ଟରୁ ଟାଙ୍ଗ୍‌ଲାଙ୍ଗ ଯିବା ପାଇଁ ଟ୍ୟାକ୍ସିର ସୁବିଧା ରହିଛି। ସେହିପରି ଆସାମର ନିୟୁ ତିନ୍‌ସୁକିୟା ଜଙ୍କଶନ୍ ରେଲଓ୍ୱେ ଷ୍ଟେଶନ ହେଉଛି ଏହାର ନିକଟତମ ମୁଖ୍ୟ ରେଳଷ୍ଟେଶନ, ଯାହା ଟାଙ୍ଗ୍‌ଲାଙ୍ଗଠାରୁ ପ୍ରାୟ ୧୪୧ କି.ମି. ଦୂରରେ ରହିଛି। ତା'ଛଡ଼ା ଦେଶର ବିଭିନ୍ନ ସ୍ଥାନରୁ ଏଠାକୁ ଯିବା ପାଇଁ ଟୁରିଷ୍ଟ ବସ୍‌ର ବି ବ୍ୟବସ୍ଥା ଅଛି।











# ନିଜକୁ କୁକୁର ଭାବୁଥିବା ମଣିଷ

କୁକୁର ଏକ ବିଶ୍ୱସ୍ତ ପ୍ରାଣୀ। ତେଣୁ ତାକୁ ଘରେ ରଖିବାକୁ ଅନେକେ ପସନ୍ଦ କରନ୍ତି। ତା'ର ବହୁତ ଯତ୍ନ ନିଅନ୍ତି ଓ ବେଶ୍ ଆଦରରେ ରଖନ୍ତି। ହେଲେ ଜଣେ ବ୍ୟକ୍ତି କୁକୁରଙ୍କ ଦ୍ୱାରା ଏତେ ପ୍ରଭାବିତ ହୋଇଯାଇଛନ୍ତି ଯେ, ସେ ନିଜକୁ ହିଁ କୁକୁର ଭାବି ବସିଛନ୍ତି। ସେହି ବ୍ୟକ୍ତି ଜଣକ ହେଉଛନ୍ତି ଇଂଲଣ୍ଡ ଗ୍ରେଟର୍ ମୈନଚେଷ୍ଟରର କାଜ୍ ଜେମ୍ସ। କୁକୁର ଭଳି ପୋଷାକ ପିନ୍ଧିବା ସହ ସେ କୁକୁର ପରି ପ୍ଲେଟ୍‌ରେ ବିସ୍କୁଟ୍ ବି ଖାଆନ୍ତି। ଏମିତି କି ସେ ନିଜର ସାଙ୍ଗସାଥୀ ଓ ବନ୍ଧୁବାନ୍ଧବଙ୍କୁ ଦେଖି ଭୁକନ୍ତି ଓ ଗେଲେଇ ହୁଅନ୍ତି। ୩୭ ବର୍ଷୀୟ ଜେମ୍ସ ନିଜକୁ କେବେବି ମଣିଷ ଭାବନ୍ତି ନାହିଁ। ନିଜକୁ ଏକ ପୋଷା କୁକୁର ଛୁଆ ଭାବନ୍ତି। ଆଉ ସେହିଭଳି ରହନ୍ତି ଓ ବ୍ୟବହାର ବି କରନ୍ତି। କୁକୁର ଭଳି ଦେଖାଯିବା ପାଇଁ ସେ ସ୍ୱତନ୍ତ୍ର ପ୍ରକାରର ସୁଟ୍ ବି ସିଲେଇ କରିଛନ୍ତି, ଯାହାର ମୂଲ୍ୟ ୧ ଲକ୍ଷ ୮୦ ହଜାର ଟଙ୍କା। ସେ ଗ୍ରେଟର ମୈନଚେଷ୍ଟରର ଏକ ଦୋକାନର ମାଲିକ। ଦୋକାନରେ ବି ସେ ଗ୍ରାହକଙ୍କୁ ଜିନିଷ କୁକୁରଙ୍କ ଭଳି ଦାନ୍ତରେ କାମୁଡ଼ିଧରି ଦିଅନ୍ତି। କୁକୁରଙ୍କ ସହ ମିଶିବା ପାଇଁ ତାଙ୍କୁ ଦେଖିଲେ ଭୁକନ୍ତି। କାଜ୍ ଏକ ବହି ବି ଲେଖିଛନ୍ତି, ଯାହାର ନାଁ ହେଉଛି 'ହାଓ ଟୁ ଟ୍ରେନ୍ ଏ ହ୍ୟୁମାନ୍ ପପି'। ଗଣମାଧ୍ୟମ ଖବର ଅନୁସାରେ, ୨୦୦୫ରେ ସେ ନର୍ଫକ୍‌ରୁ ଗ୍ରେଟର୍ ମୈନଚେଷ୍ଟର ଚାଲି ଆସିଥିଲେ, ଯଦ୍ୱାରା କି ସେ ମୁକ୍ତଭାବେ ଏକ ପପି ଭଳି ଜୀବନ ଅତିବାହିତ କରିପାରିବେ।







## କାର୍ଟୁନ କର୍ନର



# ବି.ଜି.ଏମ୍. ମାଷ୍ଟର ଟିଟନ୍

ଯାତ୍ରା ସଙ୍ଗୀତ କଥା ଯେତେବେଳେ ଉଠେ, ସେତେବେଳେ ତାପସ୍ ଦାସ ଓରଫ୍ ଟିଟନ୍‌ଙ୍କ କଥାକୁ ଏଡ଼ାଇ ଯାଇହୁଏନି। ଓଡ଼ିଆ ଯାତ୍ରା ଜଗତରେ ତାଙ୍କର ଏକ ବଡ଼ ପରିଚୟ– ସେ ହେଉଛନ୍ତି ଜଣେ ସବୁଠୁ ସଫଳ ବି.ଜି.ଏମ୍. ମାଷ୍ଟର। ଅର୍ଥାତ୍ ବ୍ୟାକ୍‌ଗ୍ରାଉଣ୍ଡ ମ୍ୟୁଜିକ୍ ଦେବାରେ ସେ ସମସ୍ତଙ୍କଠୁ ଆଗରେ। ଏଯାବତ୍ ଶତାଧିକ ନାଟକରେ ସଙ୍ଗୀତ ନିର୍ଦ୍ଦେଶନା ଦେବା ସହିତ ବ୍ୟାକ୍‌ଗ୍ରାଉଣ୍ଡ ମ୍ୟୁଜିକ୍ ପ୍ରସ୍ତୁତ କରି ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। କେବଳ ଯାତ୍ରାରେ ତାଙ୍କ ପରିଚୟ ସୀମିତ ହୋଇ ରହିନାହିଁ। ଦୂରଦର୍ଶନରେ ପ୍ରସାରିତ 'କହୁଥିଲେ ସରିବନି', 'ସମ୍ପର୍କ', 'ଜୀବନଧାରା', 'ଦୁହିତା', 'ଶିରିଡ଼ି ସାଇବାବା', 'କ୍ରାଇମ୍ ଫାଇଲ୍', 'ଉତ୍ତରଦାୟୀ', 'ଦାମିନୀ', 'ବସୁନ୍ଧରା', 'ଦାସୀ', 'ଦେବୀ', 'ସିନ୍ଦୂର', 'ଅଧିକାର' ଆଦି ବହୁ ଲୋକପ୍ରିୟ ସିରିଏଲ୍‌ରେ ଦର୍ଶକମାନେ ଶୁଣିଛନ୍ତି ତାଙ୍କ ସଙ୍ଗୀତର ସିମ୍ଫୋନି।

ବି.ଜି.ଏମ୍. ମାଷ୍ଟର ଟିଟନ୍‌ଙ୍କ ଜନ୍ମ ଖୋର୍ଦ୍ଧାର ବେଗୁନିଆଠାରେ। ବାପା ବ୍ରଜବିହାରୀ ଦାସ ଓଡ଼ିଶାର ପାରମ୍ପରିକ ସଙ୍ଗୀତ ଓଡ଼ିଶୀ, ଛାନ୍ଦ, ଚମ୍ପୂ, ଚଉପଦୀର ଥିଲେ ଜଣେ ପ୍ରସିଦ୍ଧ ଗାୟକ। ସେ ହିଁ ତାଙ୍କୁ ପିଲାଟିବେଳରୁ



ଏସବୁ ଶିକ୍ଷା ଦେଇଥିଲେ। ସେତିକି ନୁହେଁ, ସଙ୍ଗୀତକୁ ସାଥିକରି ବାଟ ଚାଲିବା ପାଇଁ ବାପା ହିଁ ତାଙ୍କୁ ପ୍ରେରଣା ଦେଇଥିଲେ ଆଉ ଆଜି ତାହାକୁ ସେ ଅକ୍ଷରେ ଅକ୍ଷରେ ପାଳନ କରୁଛନ୍ତି। ଚଣ୍ଡିଗଡ଼ ୟୁନିଭର୍ସିଟିରୁ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତରେ ଏମ୍.ମ୍ୟୁଜ୍ କରିବା ସହିତ ଉତ୍କଳ ସଂଗୀତ ମହାବିଦ୍ୟାଳୟରେ ଡ୍ରାମା ଡିରେକ୍ସନ ବିଭାଗରେ ମଧ୍ୟ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ତାଙ୍କ ସଂଗୀତର ଯାତ୍ରା ଆରମ୍ଭ ହୋଇଥିଲା ରବୀନ୍ଦ୍ର ମଣ୍ଡପ ଥିଏଟରରୁ। ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ଶହଶହ ନାଟକର ସେ ହେଉଛନ୍ତି ସଙ୍ଗୀତ ନିର୍ଦ୍ଦେଶକ ଏବଂ ବ୍ୟାକ୍‌ଗ୍ରାଉଣ୍ଡ ମ୍ୟୁଜିକ୍ ମେକର। ସଚ୍ଚିଦାସ, ଅଜିତ୍ ଦାସଙ୍କଠୁ ଆରମ୍ଭ କରି ଧୀର ମଲ୍ଲିକ, ଅଶ୍ରୁମୋଚନ, ଲାଲା ବିରେନ୍ ରାୟ, କିଶୋର ଖଣ୍ଡୁଆଳଙ୍କ ପର୍ଯ୍ୟନ୍ତ – ସମସ୍ତଙ୍କ ସହିତ ଥିଏଟର ନାଟକରେ କାମ କରିଛନ୍ତି। ପ୍ରଥମ କରି 'ରୁକ୍ମିଣୀ ଗଣନାଟ୍ୟ'ର ନାଟକ 'ଯାହା କହିବି ମିଛ କହିବି' ଜରିଆରେ ଜଲିଉଡ୍‌କୁ ଏଣ୍ଟ୍ରି କରିଥିଲେ ଟିଟନ୍। ଏହା ୧୯୯୦ ମସିହା କଥା। ସେତେବେଳେ ଜଲିଉଡ୍‌ରେ ରାଜ୍ କରୁଥିଲେ ଦିବାକର ମହାନ୍ତି, ମନ୍ମଥ ମିଶ୍ର, ଲକ୍ଷ୍ମୀକାନ୍ତ ପାଲିତ୍, ସୁବାସ ଦାସଙ୍କ ଭଳି ସ୍ୱନାମଧନ୍ୟ ମ୍ୟୁଜିକ୍ ଡିରେକ୍ଟରମାନେ। ତେଣୁ ସେତେବେଳେ ତାଙ୍କୁ ଅଗ୍ନି ପରୀକ୍ଷାର ସମ୍ମୁଖୀନ ହେବାକୁ ପଡିଥିଲା। ତଥାପି ସେ ନିଜର ସମସ୍ତ ନିଷ୍ଠାକୁ ଏକତ୍ର କରି ଓହ୍ଲାଇଥିଲେ ଯାତ୍ରା ମଇଦାନକୁ। ଆଉ ବାପାମା'ଙ୍କର ଆଶୀର୍ବାଦ, ଦର୍ଶକଙ୍କର ଭଲପାଇବା ଯୋଗୁ ସେହି ଯାତ୍ରା ଆଜି ବି ଜାରି ରହିଛି। – ଯାତ୍ରାର ବ୍ୟାକ୍‌ଗ୍ରାଉଣ୍ଡ ମ୍ୟୁଜିକ୍ ବିଷୟରେ ମନ୍ତବ୍ୟ ଦେଇ ସେ କହନ୍ତି: ଚାରିଘଣ୍ଟା ଯାତ୍ରାକୁ ସଙ୍ଗୀତରେ ସଜେଇବା ହେଉଛି ବି.ଜି.ଏମ୍. ମାଷ୍ଟରର କାମ। ସେ ଯଦି ଢିଲା କରିଦବ, ତା'ହେଲେ ନାଟକ ସରିଗଲା ବୋଲି ଜାଣ। ଆଉ ମୁଁ ଜଣେ ଡ୍ରାମା ଷ୍ଟୁଡେଣ୍ଟ ହୋଇଥିବାରୁ ନିର୍ଦ୍ଦେଶକ ତଥା ଲେଖକ ତିଆରି କରିଥିବା ସିକ୍ୱେନ୍ସ ବା ଘଟଣାକୁ ମୁଁ ଖୁବ୍‌ଶୀଘ୍ର ବୁଝିଯାଏ ଆଉ କେଉଁଠି କ'ଣ ମ୍ୟୁଜିକ୍ ଲାଗିବ ତାହା କରିଦିଏ।

– ଆସନ୍ତା ୨୦୧୯–୨୦ ଯାତ୍ରାବର୍ଷ ପାଇଁ ସେ ଏବେଠୁ ପ୍ରସ୍ତୁତ ହେଲେଣି। ତାଙ୍କ ହାତରେ ଅଛି ସତ୍ୟ ଜେନାଙ୍କ 'ରଙ୍ଗମହଲ୍'ର ନାଟକ 'ଗଙ୍ଗାଠୁ ପବିତ୍ର ଗଙ୍ଗଶିଉଳି'। ଏ ସମ୍ବନ୍ଧରେ ସେ କହନ୍ତି: ନାଟକଟିର ଲେଖା ସରିଗଲାଣି। ନିର୍ଦ୍ଦେଶକ ମହେଶ ହାଜରା ବି ନାଟକଟିକୁ ନେଇ ନିଜକୁ ପ୍ରସ୍ତୁତ କରିସାରିଲେଣି। ମୁଁ ନାଟ୍ୟକାର ତଥା ନିର୍ଦ୍ଦେଶକଙ୍କ ସହିତ ଥରୁଟିଏ ବସିଛି। ଇଲେକ୍ସନ୍ କାମ ସରିଲେ ଆଉଥରେ ସେମାନଙ୍କ ସହ ବସି ଭଲଭାବରେ କାହାଣୀ, ସଂଳାପ ଓ ସିକ୍ୱେନ୍‌ସକୁ ହଜମ କରିବି। ତା'ପରେ ଯାଇ ସଂଗୀତ କାମ ଆରମ୍ଭ କରିବି। ନାଟକଟିକୁ ନେଇ କେବଳ ପାର୍ଟି କିମ୍ବା ନାଟ୍ୟକାର ଅଥବା ନିର୍ଦ୍ଦେଶକ ନୁହନ୍ତି ; ସମ ପରିମାଣରେ ମୁଁ ମଧ୍ୟ ଆଶାବାଦୀ ଅଛି। ବାବା ଶିରିଡ଼ି ସାଇଙ୍କ କୃପା ରହିଲେ ସବୁ ଠିକ୍‌ଠାକ୍ ହେବ।

# ଶଶୀ-ମଞ୍ଚରେ ବୁଣନ୍ତି ଖୁସି

ସତକୁସତ ଶଶୀ ଆସିଗଲେ ମଞ୍ଚରେ ଚୂନାଚୂନା ଖୁସି ବୁଣି ହୋଇଯାଏ। ଦର୍ଶକମାନେ ହସିହସି ଗଡ଼ିଯାଆନ୍ତି। ତାଳିମାଡ଼ରେ କମ୍ପିଉଠେ ଯାତ୍ରାସ୍ଥଳ। ଏଠାରେ ଯେଉଁ ଶଶୀଙ୍କ କଥା କୁହାଯାଉଛି, ସେ ହେଉଛନ୍ତି ଯାତ୍ରା ଜଗତର ଜଣେ ଆଗଧାଡ଼ିର ହାସ୍ୟନାୟିକା ସସ୍ମିତା ସାହୁ। ସଂକ୍ଷେପରେ ତାଙ୍କୁ ସମସ୍ତେ ଜାଣନ୍ତି ଶଶୀ ବୋଲି। ଶଶୀଙ୍କ ଘର ଭଦ୍ରକ ଜିଲା ଟିଲୋ (ବନ୍ତ) ଅନ୍ତର୍ଗତ ଦେବତା ଗଡ଼ିଆ ଗ୍ରାମରେ। ପରିବାରର ତିନିଝିଅଙ୍କ ମଧ୍ୟରେ ସବା ସାନ ହେଉଛନ୍ତି ସେ। ସେ ଅଭିନୟ କରିବେ। ସାରା ଓଡ଼ିଶାର ଲୋକେ ତାଙ୍କୁ ଜାଣିବେ। ଏ ପ୍ରକାର କଥା ଚିନ୍ତା ବି କରି ନ ଥିଲେ ଶଶୀ। ତେବେ ପିଲାବେଳେ ସୁନ୍ଦର ଗୀତ ବୋଲୁଥିଲେ ସେ। ଗାଁରେ ହେଉଥିବା ମେଳା ମଉଚ୍ଛବରେ ଗୀତ ବୋଲିବା ପାଇଁ ଶଶୀଙ୍କୁ ଡାକରା ପଡୁଥିଲା। ସେ ମାତ୍ର ୧୧ ବର୍ଷର ହୋଇଥାନ୍ତି। ପଞ୍ଚମଶ୍ରେଣୀ ପରୀକ୍ଷା ଦେଇଥାନ୍ତି। ଘରେ ବାପାଙ୍କ ଦେହ ଅସୁସ୍ଥ ହୋଇଗଲା। ଏହି ଘଟଣା ହିଁ ଶଶୀଙ୍କୁ ଟାଣିଆଣିଲା ଯାତ୍ରାକୁ। ଜଲିଉଡ୍‌ର ବରିଷ୍ଠ କମେଡ଼ିଆନ୍ ନରି ପଣ୍ଡା ହେଉଛନ୍ତି ଶଶୀଙ୍କ ପଡ଼ୋଶୀ। ସେ କହିଲେ, ମୋ ସହ ଯାତ୍ରାକୁ ଚାଲ। ରୋଜଗାର ହେବ। ଘର ବି ଚଳିବ। ବାସ୍, ଶଶୀ ଆସି ଯୋଗଦେଲେ 'ତ୍ରିନାଥ ଗଣନାଟ୍ୟ'ରେ। ସେତେବେଳେ ଯାତ୍ରାରେ ଶିଶୁ କଳାକାର ଦରକାର ହେଉଥାନ୍ତି ପିଲାଙ୍କ ଭୂମିକାରେ ଅଭିନୟ କରିବା ପାଇଁ। ଶଶୀ ଶିଶୁ କଳାକାର ଭାବରେ ଅଭିନୟ କଲେ। ଏଥିସହିତ ନାଟକର ସିକ୍ୱେନ୍ସ ସଙ୍ଗ୍‌ରେ ନୃତ୍ୟ ମଧ୍ୟ କଲେ। ଶଶୀଙ୍କୁ ପ୍ରଥମେ କମେଡ଼ିଆନ୍ ଭାବରେ ସୁଯୋଗ ଦେଇଥିଲେ ନିର୍ଦ୍ଦେଶକ ଲାଲା ବିରେନ୍ ରାଏ ଏବଂ ନାଟ୍ୟକାର ସୁଧାଂଶୁ ନାଏକ। ନାଟକ ଥିଲା 'ସଚ୍ଚିଦାନନ୍ଦମ୍'ର 'ବଣମଣିଷ'। ଏହାପରେ ଶଶୀଙ୍କ ଦେହରେ ବାଜିଗଲା ହାସ୍ୟ ନାୟିକାର ମୋହର। ସେ ବି ଆଉ ପଛକୁ ଫେରି ନାହାନ୍ତି। ଶଶୀ କହନ୍ତି: ତାଙ୍କୁ ଲୋକମାନେ ବେଶି ଚିହ୍ନିଲେ ଶିବାନୀ ଗଣନାଟ୍ୟର ନାଟକ 'ହେ ଈଶ୍ୱର! ତୁମକୁ କୋଟି ନମସ୍କାର'। ଏଥିରେ 'ଶୁନୁ ଶୁନୁପାମ୍ପୁଡ଼ି... ନିଅ ମୋର ମା' ବୁଢ଼ୀ' ଗୀତଟି ତାଙ୍କୁ ଘରେଘରେ ପରିଚିତ କରିଦେଲା। ୧୯୯୯ ମସିହା ମହାବାତ୍ୟା ବର୍ଷ ଯାତ୍ରାକୁ ଆସିଥିବା ଶଶୀ ଇତିମଧ୍ୟରେ ପାଖାପାଖି କୋଡ଼ିଏ ବର୍ଷ ଅତିବାହିତ କରିସାରିଲେଣି ଯାତ୍ରାରେ। 'ତ୍ରିନାଥ ଗଣନାଟ୍ୟ', 'କୋଣାର୍କ', 'ଜଗଦ୍ଧାତ୍ରୀ', 'ନିୟତି', 'ସଚ୍ଚିଦାନନ୍ଦମ୍', 'କଳିଙ୍ଗ', 'ଗୌରୀ' ଆଦି ଗଣନାଟ୍ୟରେ ଅଭିନୟ କରି ସେ ଏବେ ଆସି ପହଞ୍ଚିଛନ୍ତି 'ଶିବାନୀ ଗଣନାଟ୍ୟ'ରେ। 'ଶିବାନୀ'ରେ ସେ ୬ବର୍ଷ ଅଭିନୟ କଲେଣି। ସେ ଅଭିନୟ କରିଥିବା ଲୋକପ୍ରିୟ ନାଟକଗୁଡ଼ିକ ମଧ୍ୟରେ ରହିଛି 'ବଣମଣିଷ', 'କିଏ ଯୋଡ଼ିଦବ ଭଙ୍ଗାଚୁଡ଼ିକୁ', 'ହେ ଈଶ୍ୱର ! ତୁମକୁ କୋଟି ନମସ୍କାର', 'ରାଜଧାନୀ ଝିଅ ରାଜନନ୍ଦିନୀ', 'ଅଗ୍ନି ପରୀକ୍ଷା', 'ଇଏ ତ କଳିଯୁଗ', 'ମେଘ ପାଲିଙ୍କିରେ ଜହ୍ନ ଆସୁଛି', 'କୁଳାଙ୍ଗାର' ଏବଂ ଆହୁରି ଅନେକ। ଚଳିତବର୍ଷ ସେ ଅଭିନୟ କରିଥିବା ନାଟକଗୁଡ଼ିକ ମଧ୍ୟରେ ରହିଛି 'ବରଣୀ କନିଆ ବରଷା ରାଣୀ', 'ରଜନୀ ସଜନୀ ରାତି ପାହିଲା', 'ହାତୀ ନାହିଁ କି ଘୋଡ଼ା ନାହିଁ'। ଯାତ୍ରା ଇନ୍ଦ୍ରଭୁବନର ଡ୍ୟାନ୍ସ ମାଷ୍ଟର ସନ୍ତୋଷ ନାୟକଙ୍କୁ ବିବାହ କରିଥିବା ଶଶୀ ଦୁଇ ଯାଆଁଳା ଝିଅ ରାଧା ଓ ମୀରାଙ୍କ ମା'। ତାଙ୍କର ଇଚ୍ଛା ସେ କେବେ ନା କେବେ ନାୟିକା ଭୂମିକାରେ ଅବତୀର୍ଣ୍ଣ ହେବେ ଆଉ ନିଜ ଭିତରେ ଥିବା ଅଭିନୟ ଦକ୍ଷତା ପ୍ରଦର୍ଶିତ କରିବେ।





# ପ୍ରେମିକାକୁ ପ୍ରେମିକର ମିଛ ଉପହାର

ଜଣକ ପାଇଁ ଯାହା ମାମୁଲି ତାହା ଆଉ ଜଣକ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ତଥା ବିଷମ ଘଟଣା ହୋଇପାରେ। ପିଟର୍ସବର୍ଗ ପୋଷ୍ଟ–ଗେଜେଟ୍‌ର ସ୍ୱନାମଧନ୍ୟ ମୋଟିଭେଶନାଲ ସ୍ତମ୍ଭକାର ନାତାଲି ବେନ୍‌ସିଭେଙ୍ଗା ଗୋଟିଏ ଘଟଣାର ଦୃଷ୍ଟାନ୍ତ ଦେଇ କହନ୍ତି ଯେ, ଦିନେ ତାଙ୍କ ନିକଟକୁ ଏକ ଚିଠି ଆସିଲା। ଚିଠିଟିକୁ ଲେଖିଥିଲେ ଜଣେ ତରୁଣୀ। ସେ ଲେଖିଥିଲେ ଯେ, କିଛିଦିନ ତଳେ ତାଙ୍କର ନିର୍ବନ୍ଧ ହୋଇଯାଇଛି। ତାଙ୍କ ପ୍ରେମିକ ତାଙ୍କୁ ଏକ ହୀରାମୁଦି ଉପହାର ଦେଇଥିଲେ। ମାତ୍ର ପରେ ସେ ଜାଣିଲେ ଯେ, ତାହା ହୀରା ନୁହେଁ ; ଜିରକୋନିଅମ୍‌ରେ ପ୍ରସ୍ତୁତ। ଉପହାରରେ ହୀରା ଦେଇନାହାନ୍ତି ବୋଲି ତାଙ୍କର ଦୁଃଖ ନୁହେଁ। ସେ ତାଙ୍କୁ ମିଛ କହିଛନ୍ତି, ଠକିଛନ୍ତି। ଆଉ ତାଙ୍କୁ ନକଲି ହୀରାମୁଦି ଆଳରେ 'ମିଥ୍ୟା' ଉପହାର ଦେଇଛନ୍ତି ; ଯାହା ତାଙ୍କୁ ଆଘାତ ଦେଇଛି। ଆଉ ସେ ନିଷ୍ପତ୍ତି ନେଇଛନ୍ତି ଯେ, ପ୍ରେମିକଙ୍କ ସହିତ ତାଙ୍କ ସମ୍ପର୍କ ଛିନ୍ନ କରିଦେବେ। ତେବେ ସେ ଏହା ଉପରେ କୌଣସି ନିଷ୍ପତ୍ତି ନେଇପାରୁନାହାନ୍ତି। ସ୍ତମ୍ଭକାର ନାତାଲିଙ୍କୁ ମଧ୍ୟ ଏଭଳି ଏକ ଘଟଣା ବିସ୍ମିତ କରିଛି। ଆଉ ସେ ସେହି ମହିଳାଙ୍କୁ ପରାମର୍ଶ ଦେଇ କହିଛନ୍ତି ଯେ, ସମ୍ପର୍କ ବିଶ୍ୱାସରେ ଚାଲେ। ଯଦି ସେ ଭାବୁଛନ୍ତି ତାଙ୍କର ବିଶ୍ୱାସ ଭାଙ୍ଗିଯାଇଛି ତା'ହେଲେ ସେ ନିଜ ବିବେକାନୁମୋଦିତ ଯେକୌଣସି ପଦକ୍ଷେପ ନେଲେ ବି ଅସୁବିଧା ନାହିଁ।


ବ୍ୟାକ୍ ପେଜ୍











# ବିପଜ୍ଜନକ ସେଲ୍ଫି

ଆଜିକାଲି ସମସ୍ତେ ସେଲ୍ଫି ମାୟାରେ ବାୟା । ସ୍ଥାନ, କାଳ, ପାତ୍ର ଯାହାବି ହେଉ ସେଲ୍ଫି ନେବାକୁ ପଛାଉ ନାହାନ୍ତି କେହି । ଏମିତିକି ବିପଜ୍ଜନକ ସ୍ଥାନରେ ସେଲ୍ଫି ନେଇ ସମସ୍ତଙ୍କ ବାଃ ବା ନେବାକୁ ବେଶି ପସନ୍ଦ କରୁଛନ୍ତି । ସେମିତି ଜଣେ ଯୁବତୀ ହେଉଛନ୍ତି ଆଞ୍ଜେଲା ନିକୋଲାଉ । ସେ ବେଶି ପସନ୍ଦ କରନ୍ତି ବିଭିନ୍ନ ବିପଜ୍ଜନକ ଓ ସୁଉଚ୍ଚ ଅଟ୍ଟାଳିକାଗୁଡିକରେ ସେଲ୍ଫି ଓ ଫଟୋ ଉଠାଇବାକୁ । ୨୬ ବର୍ଷୀୟା ଆଞ୍ଜେଲା ଏତେ ଦୁଃସାହସୀ ଯେ, ପୃଥିବୀର ବିଭିନ୍ନ ଉଚ୍ଚତମ ଅଟ୍ଟାଳିକାର ସବୁଠାରୁ ଉଚ୍ଚତମ ସ୍ଥାନ, ଏମିତିକି ଅଟ୍ଟାଳିକାର ଧାରରେ ଠିଆହୋଇ ଫଟୋ ଓ ସେଲ୍ଫି ଉଠାନ୍ତି । ଏହି ଫଟୋ ଦେଖିବା ଲୋକଙ୍କୁ ଭୟ ଲାଗେ । ହେଲେ ଆଞ୍ଜେଲା ଏଭଳି ଦୁଃସାହସିକ କାମ କରିବାକୁ ଆଦୌ ଭୟ କରନ୍ତି ନାହିଁ । ତାଙ୍କର ଏଭଳି ଫଟୋ ଉଠାକୁ ରୁଫ୍‌ଟପିଂ କୁହାଯାଇଥାଏ । ଏବେ ଏହା ଏକ ନୂଆ ଟ୍ରେଣ୍ଡ ପାଲଟିଛି । ଏଥିରେ ଉଚ୍ଚା ଉଚ୍ଚା ବିଲ୍ଡିଂରେ ଚଢ଼ି ଫଟୋ ଉଠାଯାଉଛି, ଯେଉଁଥିରେ ଅନେକ ବିପଦ ଥାଏ । ସାମାନ୍ୟ ଏପଟ ସେପଟ ହେଲେ ଜୀବନ ଯିବାର ଆଶଙ୍କା ବି ଥାଏ । ତଥାପି ଆଞ୍ଜେଲା ଏଭଳି କରନ୍ତି । ଆଉ ଏହି ସାହସ ସେ ତାଙ୍କ ବାପାଙ୍କଠାରୁ ପାଇଛନ୍ତି । ତାଙ୍କ ବାପା ମସ୍କୋର ଏକ ସର୍କସ୍‌ରେ କାମ କରୁଥିଲେ । ତେଣୁ ସେ ନିଜ ଝିଅକୁ ଛୋଟବେଳୁ ସାହସୀ କରିଦେଇଛନ୍ତି । ଫଳରେ ଆଞ୍ଜେଲା ଏଭଳି ବିପଜ୍ଜନକ ସେଲ୍ଫି ଉଠାଇପାରୁଛନ୍ତି । ଆଞ୍ଜେଲା ବି ଏବେ ସର୍କସ ସହ ଜଡ଼ିତ । ତେବେ ଏଭଳି ସେଲ୍ଫି ଯେକେହି ବି ଉଠାଇବାକୁ ଚେଷ୍ଟା କରିବା ବୋକାମି ଛଡ଼ା ଆଉ କିଛି ନୁହେଁ ।



# ଆକ୍ୱାରିୟମ ଟୟଲେଟ୍

ପ୍ରକୃତି କୋଳରେ ସମୟ ବିତାଇବାକୁ ସମସ୍ତେ ଚାହାନ୍ତି । ଯଦି ଜଣେ ଚାହିଁବେ ସବୁ ସମୟରେ ପ୍ରକୃତି ମଧ୍ୟରେ ରହିପାରିବେ । ହେଲେ କଲ୍ ଅଫ୍ ନେଚର ସମୟରେ ତ ଏକ ବନ୍ଦ କୋଠରି ବା ନିବୁଜ ଟୟଲେଟ୍ ନିହାତି ଆବଶ୍ୟକ । କିନ୍ତୁ ଜାପାନର ଏକ କାଫେରେ ଥିବା ଟୟଲେଟ୍‌ରେ ବି ଜଣେ ପ୍ରକୃତିକୁ ଖୁବ୍ ନିକଟରୁ ଦେଖିବା ସହ ଅନୁଭବ କରିପାରିବେ । କାରଣ ଉକ୍ତ ଟୟଲେଟ୍‌ର ତିନି ପାର୍ଶ୍ୱର କାନ୍ଥକୁ ଆକ୍ୱାରିୟମ୍ କରିଦିଆଯାଇଛି, ଯାହା ମଧ୍ୟରେ ବିଭିନ୍ନ ପ୍ରକାରର ମାଛ ସହ କଇଁଛ ଓ ଅନେକ ଜଳଜ ଉଦ୍ଭିଦ ଅଛନ୍ତି । 'ହିପୋପୋ ପାପା' ନାମକ ଏହି କାଫେ ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ । ଉକ୍ତ କାଫେ ପ୍ରସିଦ୍ଧ ଏକ ଡେଟିଂ ସ୍ପଟ୍ ଭାବେ । ଏହାର ମାଲିକ ଏଠାକାର ମହିଳା ଟୟଲେଟ୍‌କୁ ଖାସ୍ କରିବାକୁ ଚିନ୍ତା କରିଥିଲେ । ଆଉ ତାକୁ ଏକ ଆକ୍ୱାରିୟମ ରୂପ ଦେଲେ । ବର୍ତ୍ତମାନ ଏହା ସାରା ଜାପାନରେ ବେଶ୍ ଲୋକପ୍ରିୟ ହୋଇପାରିଛି । ଖାଲି ଜାପାନ ନୁହେଁ, ଏହି ଅଜବ ଟୟଲେଟ୍ ସାରା ପୃଥିବୀରେ ଚର୍ଚ୍ଚିତ ହୋଇପାରିଛି । ଦୀର୍ଘ ୧୨ ବର୍ଷ ହେବ ଏହି ଆକ୍ୱାରିୟମ୍ ଟୟଲେଟ୍ ଜାପାନର ଆକାଶୀ ଅଞ୍ଚଳର ଉକ୍ତ କାଫେରେ ଅଛି । ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ହୋଇଥିଲେ ମଧ୍ୟ କାଫେର ଷ୍ଟାଫ୍ ପୁରୁଷମାନଙ୍କୁ ମଧ୍ୟ ଦେଖାଇଥାଆନ୍ତି । ଉକ୍ତ କାଫେକୁ ଅନେକେ ଉପଭୋଗ କରୁଥିବାବେଳେ କେହି କେହି ଅସହଜ ମନେକରନ୍ତି ଜଳଜୀବମାନେ ଚାହିଁ ରହିଥିବା ସମୟରେ ଟୟଲେଟ୍ ବ୍ୟବହାର କରିବାକୁ ।

